ଆଜି - ଶୁକ୍ରବାର
ତାରିଖ - ୧୭ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୪
ତିଥି - ଅମାବାସ୍ୟା, ପକ୍ଷ-କୃଷ୍ଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

ପ୍ରଭାତୀ ସଂସ୍କରଣ · AJIKALI · Morning Edition

" ଆମର ସୁପ୍ତ ଆତ୍ମାକୁ ଯେତେବେଳେ ଜାଗ୍ରତ କରାଇ ଦିଆଯିବ, ସେତେବେଳେ ସବୁକିଛି ଉତ୍କର୍ଷ ହୋଇପାରିବ ।"
- ସ୍ୱାମୀ ବିବେକାନନ୍ଦ

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 04 R.N.I. REGD. No. 44026/86 ବାଲେଶ୍ୱର ୧୭ ଅପ୍ରେଲ ୨୦୨୬ ଶୁକ୍ରବାର BALASORE 17 APRIL 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦




## ଲୋକସଭାରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଆଜି ଦେଶର ରାଜନୀତିରେ ଏକ ଐତିହାସିକ ଅଧ୍ୟାୟ ଆରମ୍ଭ ହେଉଛି । ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜି ଆରମ୍ଭ ହୋଇଛି । ଏହି ଅଧିବେଶନରେ, ମୋଦି ସରକାର ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି, ଯାହା ଦେଶର ରାଜନୀତିର ସମଗ୍ର ଦୃଶ୍ୟପଟକୁ ପରିବର୍ତ୍ତନ କରିବ । ଏହି ଅଧିବେଶନର ମୁଖ୍ୟ ଲକ୍ଷ୍ୟ ହେଉଛି ୨୦୨୩ ମସିହାରେ ଗୃହୀତ 'ନାରୀ ଶକ୍ତି ବନ୍ଦନ ଆଇନ'କୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଏବଂ ଲୋକସଭାର କ୍ଷମତା ବୃଦ୍ଧି କରିବା । ତେବେ ୧୬ ଏପ୍ରିଲରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ଏହି ତିନି ଦିନିଆ ଅଧିବେଶନ ଏବେ ଗୃହ ସରଗରମ କରିଥିବା ବେଳେ, ସରକାର ଲୋକସଭାରେ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, କେନ୍ଦ୍ରଶାସିତ ଅଂଚଳ ଆଇନ (ସଂଶୋଧନ) ବିଲ୍ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣ ବିଲ୍ ଉପସ୍ଥାପନ କରିଛନ୍ତି, ଯେଉଁଠାରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବିତର୍କ ଆରମ୍ଭ କରିଛନ୍ତି । ଆସନ୍ତାକାଲି ଅପରାହ୍ନ ୪ଟାରେ ଲୋକସଭାରେ ତିନୋଟି ପ୍ରମୁଖ ବିଲ୍ ଉପରେ ଭୋଟିଂ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପଦକ୍ଷେପକୁ ମହିଳା ସଶକ୍ତିକରଣ ପାଇଁ ଏକ



"ଐତିହାସିକ ପଦକ୍ଷେପ" ଭାବରେ ବର୍ଣ୍ଣନା କରିଛନ୍ତି, ଯେତେବେଳେକି ବିରୋଧୀ ଦଳଗୁଡ଼ିକ କୋଟାକୁ ସମର୍ଥନ କରିବା ସହିତ ସୀମା ନିର୍ଦ୍ଧାରଣ ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ଏକାଠି ହୋଇଛନ୍ତି ଏବଂ ଏହାକୁ ରାଜନୈତିକ ପ୍ରେରଣାଦାୟକ ବୋଲି କହିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନେତୃତ୍ୱରେ ପ୍ରତିବାଦ ସହିତ ଏହି ବିବାଦ ରାସ୍ତାକୁ ମଧ ଯାଇଛି, ଯେତେବେଳେ ଇଣ୍ଡିଆ ବ୍ଲକ ସଂସଦ ଭିତରେ ପ୍ରତିବାଦ ଜାରି ରଖିଛି । ଏହି ସମୟରେ ମହିଳା ସଂରକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ଉପରେ ଲୋକସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "୨୧ ଶତାବ୍ଦୀରେ, ଭାରତ ଏକ ନୂତନ ଆତ୍ମବିଶ୍ୱାସ ସହିତ ଆଗକୁ ବଢୁଛି । ଆମେ ସମସ୍ତେ ଆଜି ବିଶ୍ୱରେ ଭାରତର ଗ୍ରହଣୀୟତା ଅନୁଭବ କରୁଛୁ । ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ । ମୁଁ ବିଶ୍ୱାସ କରେ ଯେ 'ବିକ୍ଷିତ ଭାରତ' କେବଳ ରେଳ, ରାସ୍ତା, ଭିତିଭୂମି, କିମ୍ବା ଅର୍ଥନୈତିକ କିମ୍ବା ପ୍ରଗତି ଚିତ୍ର ନୁହେଁ । ଆମେ 'ବିକ୍ଷିତ ଭାରତ'ର ଏତେ ସୀମିତ ଦୃଷ୍ଟିକୋଣ ଥିବା ଲୋକ ନୁହଁ । ଆମେ ଏକ 'ବିକଶିତ ଭାରତ' ଚାହୁଁ, ଯେଉଁଠାରେ ନୀତି ନିର୍ଦ୍ଧାରଣ ପ୍ରକୃତରେ 'ସବକା ସାଥ, ସବକା ବିକାଶ' ମନ୍ତ୍ରକୁ ମୂର୍ତ୍ତିମନ୍ତ କରିଥାଏ ।" "ଦେଶର ଜନସଂଖ୍ୟାର ୫୦% ନୀତି ନିର୍ଦ୍ଧାରଣର ଅଂଶ ହେବା ସମୟର ଚାହିଦା... " ମହିଳା ସଂରକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ଉପରେ ଲୋକସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, "ମୁଁ ଆରମ୍ଭରେ କହିଥିଲି ଯେ ଆମେ ସମସ୍ତେ ଭାଗ୍ୟବାନ ଯେ ଦେଶର ଅଧା ଜନସଂଖ୍ୟା ସହିତ ଜଡିତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ, ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛୁ... ଆମେ ସାଂସଦମାନେ ଏହି ଗୁରୁତ୍ୱପୂର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଦେବା ଉଚିତ୍ ନୁହେଁ । ଏକାଠି, ଆମେ ଭାରତୀୟମାନେ ଦେଶକୁ ଏକ ନୂତନ ଦିଗ ଦେବାକୁ ଯାଉଛୁ । ଆମେ ଆମର ଶାସନ ବ୍ୟବସ୍ଥାକୁ ସମ୍ବେଦନଶୀଳତା ସହିତ ପରିପୂର୍ଣ୍ଣ କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ପ୍ରୟାସ କରିବାକୁ ଯାଉଛୁ ।

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ସହିତ ଅର୍ଥନୀତିର ବିକାଶ ପାଇଁ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର: ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷାକରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ । ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଆଜି ଲୋକସଭା ଭବନରେ ଏକ ଗକ୍ଟଟ ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ National Centre for Coastal Researchର ନିର୍ଦ୍ଦେଶକ ଡକ୍ଟର ଆର. ଏସ୍. କନ୍କରା ଏହି ଗକ୍ଟଟରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା MSP କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ ହୋଇପାରିବ । ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ । ସମନ୍ୱିତ ଉପକୂଳ ଓ



ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଗଝଚ ଏକ ନୂଆ ବେଂଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ Sustainable Ocean Planning ଆରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏହା କାର୍ଯ୍ୟକାରୀ କରୁଛି । ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଏହି ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଛନ୍ତି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଉପକୂଳ ଓ ସାମୁଦ୍ରିକ ଅଂଚଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଉପକୂଳ ଅଂଚଳ ପାଇଁ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗାଇଥାଏ । ସ୍ଥାନୀୟ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧି ଓ ସନ୍ତୁଳିତ ପର୍ଯ୍ୟାବରଣ ପାଇଁ ଏହି ସମ୍ବଳ ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ବିକାଶ କାର୍ଯ୍ୟକ୍ରମ, ପରିବେଶ ଉପରେ ଏହାର ପ୍ରଭାବ ଏବଂ ବିଭିନ୍ନ କ୍ଷେତ୍ରର କ୍ରମାଗତ ଚାହିଦା ବୃଦ୍ଧି ଯୋଗୁ ସାମୁଦ୍ରିକ ଅଂଚଳ ଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ଆବଶ୍ୟକତା ସୃଷ୍ଟି ହୋଇଛି । ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଗଝଚ ଏ କ୍ଷେତ୍ରରେ ଏକ ସମୟ ଉପଯୋଗୀ ପଦକ୍ଷେପ । ଏହା ଆମର ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ଅଗଷ୍ଟ ମାସରେ ସାମୁଦ୍ରିକ ପର୍ଯ୍ୟାବରଣର ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ OMBRIC ଆରମ୍ଭ କରାଯାଇଥିଲା । ଏହା ଆମର ବର୍ତ୍ତମାନର ଗଝଚ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ ବୋଲି ସେ କହିଥିଲେ । ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ସବୁ ଦୃଷ୍ଟିରୁ ପୂରଣ କରିବା ପାଇଁ ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ଏକ ଜରୁରୀ ଆବଶ୍ୟକତା ।

### ଅଳ୍ପରେ ଖବର

» ଆନ୍ଧ୍ର ପ୍ରଦେଶର କର୍ନୁଲରେ ଏକ ପିକଅପ୍ ସହ ଲରି ଗାଡିର ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ଏଥିରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ୩ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି ।

» ରାଷ୍ଟ୍ରପତି ଭବନର ପ୍ରାଙ୍ଗଣରେ ଅନୁଷ୍ଠିତ ସାପ୍ତାହିକ ଗାର୍ଡ଼ ପରିବର୍ତ୍ତନ ସମାରୋହ ଏହି ଶନିବାର (ଏପ୍ରିଲ ୧୮)ରେ ଅନୁଷ୍ଠିତ ହେବ ନାହିଁ ।

» ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ର ପ୍ରଦେଶର କୁରନୂଲ ଜିଲ୍ଲାରେ ଘଟିଥିବା ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ସେ ଶୋକସନ୍ତପ୍ତ ପରିବାରମାନଙ୍କ ପ୍ରତି ନିଜର ସମବେଦନା ଜଣାଇବା ସହିତ ଆହତମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରିଛନ୍ତି ।

## ଧର୍ମ ଆଧାରିତ ସଂରକ୍ଷଣ ଅସାମ୍ବିଧାନିକ : ଅମିତ ଶାହ

ନୂଆଦିଲ୍ଲୀ : ଗୁରୁବାର ଦିନ, ସରକାର ଲୋକସଭାରେ ସୀମା ନିର୍ଦ୍ଧାରଣ ଏବଂ ପରବର୍ତ୍ତୀ ସମୟରେ ମହିଳା ସଂରକ୍ଷଣ କାର୍ଯ୍ୟାନ୍ୱୟନ ସହିତ ଜଡିତ ତିନୋଟି ବିଲ୍ ଆଗତ କରିଥିଲେ । ବିରୋଧୀ ଦଳଗୁଡ଼ିକ ବିଲ୍ ଆଗତ କରିବାକୁ ବିରୋଧ ଜାରି ରଖିଥିଲେ । ଗୃହମନ୍ତ୍ରୀ ଶାହ କହିଥିଲେ ଯେ ବିରୋଧୀ ଦଳଗୁଡ଼ିକୁ ସେଗୁଡ଼ିକୁ



ଆଲୋଚନା କରିବାକୁ ଅନୁମତି ଦେବା ଉଚିତ ଏବଂ ସରକାର ଯେକୌଣସି ଆପତିର ଉତର ଦେବେ । ଏହା ବ୍ୟତୀତ, ଯେତେବେଳେ ମୁସଲିମ ମହିଳାଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗ ଉଠିଲା, ଶାହ କହିଥିଲେ ଯେ ଧର୍ମ ଆଧାରିତ ସଂରକ୍ଷଣ ଗ୍ରହଣୀୟ ନୁହେଁ । ଗୁରୁବାର ଦିନ, ବିରୋଧୀ ଦଳଗୁଡ଼ିକ ସୀମା ନିର୍ଦ୍ଧାରଣ ଏବଂ ପରବର୍ତ୍ତୀ ସମୟରେ ମହିଳା ସଂରକ୍ଷଣ କାର୍ଯ୍ୟାନ୍ୱୟନ ସହିତ ଜଡିତ ତିନୋଟି ବିଲ୍ ଲୋକସଭାରେ ଆଗତ କରିବାରୁ ଦୃଢ଼ ବିରୋଧ କରିଥିଲେ, ଯାହା ଫଳରେ ଭୋଟ ବିଭାଜନ ହୋଇଥିଲା । ଲୋକସଭା ବାଚସ୍ପତି, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସହିତ, ବିରୋଧୀଙ୍କ ଆପତିକୁ ଖାରଜ କରିଥିଲେ । ସରକାର ଏବଂ ଲୋକସଭା ବାଚସ୍ପତି ବାରମ୍ବାର କହିଥିଲେ ଯେ ସଦସ୍ୟମାନେ ସମ୍ବିଧାନ ଏବଂ ଗୃହର ବିଧାନସଭା କ୍ଷମତା ଉପରେ ଆଧାରିତ ବିଲ୍‌ଗୁଡ଼ିକୁ ବିରୋଧ କରିପାରିବେ । କଂଗ୍ରେସ, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ ଏବଂ ଡିଏମକେ ସମେତ ବିରୋଧୀ ଦଳଗୁଡ଼ିକ ବିଲ୍‌ଗୁଡ଼ିକ ଉପରେ ସେମାନଙ୍କର ଆପତି ପ୍ରକାଶ କରିଥିଲେ । ସେମାନେ କହିଛନ୍ତି ଯେ ସରକାର ପ୍ରକୃତରେ ମହିଳା ସଂରକ୍ଷଣର ଆଳ ଦେଖାଇ ସୀମା ନିର୍ଦ୍ଧାରଣ ବିଲ୍ ଆଗତ କରିଛନ୍ତି । ଆସାମ ଏବଂ ଜମ୍ମୁ କଶ୍ମୀର ପରି, ଏହା ମାଧ୍ୟମରେ, ସରକାର ମନଇଚ୍ଛା ସୀମା ନିର୍ଦ୍ଧାରଣ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି । ବିଲ୍ ବିଚାରକୁ ବିରୋଧ କରିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ବାରମ୍ବାର ଠିଆ ହେବାକୁ ବାଧ କରିଛି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ସରକାର ବିଲ୍ଗୁଡ଼ିକୁ ଶୀଘ୍ର କରିଛନ୍ତି ଏବଂ ସର୍ବଶେଷ ଜନଗଣନା ତଥ୍ୟକୁ ଏଡାଇବାକୁ ଚାହୁଁଛନ୍ତି । ଏହି ବିଲ୍‌ରେ, ସରକାରଙ୍କୁ ଜାତିଭିତିକ ଜନସଂଖ୍ୟା ପ୍ରକାଶ କରିବାକୁ ପଡିବ, ଏବଂ ବିରୋଧୀ ସଂରକ୍ଷଣ ଦାବି କରିବେ ।

## ବିଶ୍ୱ ସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିମନ୍ତେ ଜିପାଇଗୋ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର : ଓଡ଼ିଶାରେ ନର୍ସିଂ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ଜରୁରୀକାଳୀନ ପ୍ରସୂତୀ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହଲିଙ୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଜିପାଇଗୋ(ଜନ୍ ହପ୍ କିନ୍ସ ଆନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତୀ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ଉପଲକ୍ଷେ ଲୋକସଭା ଭବନ ସଭାଗୃହ ଠାରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ମିଶ୍ର ଏବଂ ଜିପାଇଗୋଙ୍କ ତରଫରୁ ସଂସ୍ଥାର ଜାତୀୟ ନିର୍ଦ୍ଦେଶକ ଡଃ ଅମିତ୍ ଶାହ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିଲେ ।
ଏହି ବୁଝାମଣା ପତ୍ରର କୌଣସି ଆର୍ଥିକ ଲେଣଦେଣ ଉପରେ ପର୍ଯ୍ୟବେସିତ ନୁହେଁ । ଏହା ସମ୍ପୂର୍ଣ୍ଣ ସେବା ଭିତିକ । ବିଶ୍ୱ ସ୍ତରୀୟ ଗୁଣାତ୍ମକ ସେବା ନିମନ୍ତେ ଜ୍ଞାନ ଓ ପ୍ରାଜ୍ଞତାର ଆଦାନ-ପ୍ରଦାନ ଉପରେ ଏହି ବୁଝାମଣା ପତ୍ର ଆଧାରିତ । ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ ବୁଝାମଣା ପତ୍ର ଦ୍ୱାରା ଜିପାଇଗୋ ଏବଂ ରାଜ୍ୟ



ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ । ମୁଖ୍ୟତଃ ସ୍ୱାସ୍ଥ୍ୟସେବାର ବିଶ୍ଳେଷଣ, ଯୋଜନା ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବୈଷୟିକ ସହାୟତା, ବିଭିନ୍ନ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷାର ଆଦାନ-ପ୍ରଦାନ, ବିଶ୍ୱ ସ୍ତରୀୟ ସର୍ବୋତମ ପ୍ରଣାଳୀ ଗୁଡିକୁ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟାୟନ; ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବୈଷୟିକ ପରାମର୍ଶ; ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଦୃଢ଼ୀକରଣ; ପ୍ରଶିକ୍ଷକମାନଙ୍କର ଦକ୍ଷତା ବିକାଶ, ଡିଜିଟାଲ ଏବଂ ଇ-ଲର୍ନିଙ୍ଗ ପ୍ଲାଟଫର୍ମର ବ୍ୟବହାର, ସିମୁଲେଶନ ଆଦି ଏହି ସହଯୋଗିତାର ଅନ୍ତର୍ଭୁକ୍ତ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଆୟୋଜନର ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ରାଜ୍ୟରେ ବଢ଼ିବ ତାତି

ଭୁବନେଶ୍ୱର: ରାଜ୍ୟରେ ଆହୁରି କଳବଲ କରିବ ତାତି । ପଶ୍ଚିମ ଓଡ଼ିଶାରେ ତାତି ୪୫ ଡିଗ୍ରୀ ଛୁଇଁପାରେ । ଟିଟିଲାଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ଝାରସୁଗୁଡ଼ାରେ ତାପମାତ୍ରା ବଢ଼ି ୪୫ ଡିଗ୍ରୀରେ ପହଂଚିପାରେ ।



ବରଗଡ଼, ରାଉରକେଲା, ଅନୁଗୁଳ, ଭବାନୀପାଟଣା ଓ ବୌଦ୍ଧରେ ବି ୪୩ ଡିଗ୍ରୀ ଛୁଇଁବ । ଆଭ୍ୟନ୍ତରୀଣ ଓଡ଼ିଶାରେ ବି ଅସମ୍ଭାଳ ତାତି ହେବ । ପାଣିପାଗ ବିଭାଗ ଆସନ୍ତା ୧୯ ତାରିଖ ଯାଏ ତାତିକୁ ନେଇ ଏଭଳି ଆକଳନ କରିଛି । ଆଜି ପଶ୍ଚିମ ଓ ଆଭ୍ୟନ୍ତର ଓଡ଼ିଶାର ବହୁ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ସେହି ଜିଲ୍ଲା ଗୁଡିକ ହେଉଛି ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେଓଗଡ଼, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ସୋନପୁର ଓ ସମ୍ବଲପୁର । ଏଥିସହିତ ଆଗମୀ ୭ ଦିନ ପାଇଁ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଅସହ୍ୟ ଗୁଳୁଗୁଳି ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ୧୮ ଓ ୧୯ ତାରିଖରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମପ୍ରବାହ ସ୍ଥିତି ରହିବ ।

## ଓଡ଼ିଶାରେ ରାଜ୍ୟବ୍ୟାପି ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ

ଭୁବନେଶ୍ୱର : ଓଡ଼ିଶାରେ ଗୁରୁବାର ରାଜ୍ୟବ୍ୟାପୀ ଡୋର-ଟୁ-ଡୋର ଡିଜିଟାଲ ଜନଗଣନା ଆରମ୍ଭ ହୋଇଛି । ଏହା ଏକ ବଡ଼ ପ୍ରଶାସନିକ ଅଭିଯାନ, ଯାହାର ଉଦ୍ଦେଶ୍ୟ ସମଗ୍ର ରାଜ୍ୟରେ ବିସ୍ତୃତ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ କରିବା । ଏହି ପ୍ରକ୍ରିୟା ମେ ୧୫ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନ ପାଇଁ ରାଜ୍ୟସାରା ୯୦,୦୦୦ ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି, ଯେଉଁମାନେ ଘରକୁ ଘର ଯାଇ ସୂଚନା ସଂଗ୍ରହ କରିବେ । ନିରୀକ୍ଷଣ ପାଇଁ ୧୫,୧୪୦ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି । ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଗଣନାକର୍ତ୍ତା (ଏନ୍ୟୁମେରେଟର)



ଏବଂ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସୁପରଭାଇଜର ଭାବେ ଦାୟିତ୍ୱ ଦିଆଯାଇଛି । ପ୍ରତ୍ୟେକ ଗଣନାକର୍ତ୍ତାଙ୍କୁ ପ୍ରାୟ ୮୦୦ ଜଣଙ୍କର ତଥ୍ୟ ସଂଗ୍ରହ କରିବା ଲକ୍ଷ୍ୟ ଦିଆଯାଇଛି । ପାଖାପାଖି ଜଣେ କର୍ମଚାରୀ ଏହି ସମୟରେ ୧୫୦ ରୁ ୨୦୦ଟି ଘରର ସର୍ଭେ କରିବେ । ଏହା ସହିତ ଘରଗୁଡିକର ତାଲିକା ପ୍ରସ୍ତୁତ, ନମ୍ବରିଂ କରିବା ଏବଂ ପ୍ରତ୍ୟେକ ପରିବାରର ମୁଖିଆଙ୍କ ସହ କଥାହେବା ମାଧ୍ୟମରେ ସୂଚନା ଲେଖିବା କାମ ମଧ କରାଯିବ । ଏହି ଜନଗଣନାରେ ମୋଟ ୩୩ଟି ପ୍ରଶ୍ନ ସହିତ ଏକ ଗଠିତ ପ୍ରଶ୍ନାବଳୀ ରହିଛି ।





# ବାଲେଶ୍ୱରରେ 'ମୁଖ୍ୟମନ୍ତ୍ରୀ କପ୍-୨.୦'ର ଭବ୍ୟ ଶୁଭାରମ୍ଭ: କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପ୍ରବଳ ଉତ୍ସାହ

ବାଲେଶ୍ୱର(ନି.ପ୍ର.) ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ବାଲେଶ୍ୱରଠାରେ 'ମୁଖ୍ୟମନ୍ତ୍ରୀ କପ୍-୨.୦' (ଉ.ଗ. ଈକ୍ଵକ୍‌କୁକ୍ରଷଚ ୨.୦) ର ବରିଷ୍ଠ କ୍ରୀଡ଼ା ମହୋତ୍ସବ ଉଦ୍ ?ଘାଟିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହଯୋଗରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୩୦ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ ।

ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦ୍ ?ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ



ବାଲେଶ୍ୱର ମାନ୍ୟବର ବିଧାୟକ,ସଦର ଶ୍ରୀ ମାନସ କୁମାର ଦତ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ଏହି ଅବସରରେ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ପ୍ରଦୀପ ଲେଙ୍କା, ଉପ-ସଭାପତି ଜଗଦୀଶ ବେହେରା, ଜନ୍ମେଜୟ ଦେ, ବୀରେନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶା ଖୋ-ଖୋ ଆସୋସିଏସନର ସହ-ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ବରିଷ୍ଠ କ୍ରୀଡ଼ାବିତ ଓ ଅଧିକାରୀ ଉପସ୍ଥିତ ଥିଲେ ।

ଏହି ଖେଳ ଏପ୍ରିଲ ୧୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହି ଟ୍ରଫିରେ ମୁଖ୍ୟତଃ ଚାରୋଟି ବିଭାଗରେ ଯଥା ଖୋ-ଖୋ,ଭଲିବଲ୍,କବାଡି ଏବଂ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜିଲ୍ଲାରେ ଥିବା କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ଗ୍ରାମାଂଚଳର ଖେଳାଳିମାନଙ୍କୁ ଏକ ବଡ଼ ପ୍ଲାଟଫର୍ମ ଦେବା ଉଦ୍ଦେଶ୍ୟରେ ଏହି କ୍ରୀଡ଼ା ମହୋତ୍ସବର ଆୟୋଜନ କରାଯାଇଛି ।

# ଡୁବଡୁବି ନଦୀ ପୋଲ ନିର୍ମାଣ ପାଇଁ ନିଯୁକ୍ତ ନୂତନ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦର ମହକୁମାରୁ କଷାଫଳ ପଂଚାୟତକୁ ସିଧାସଳଖ ଯୋଗାଯୋଗ ପାଇଁ ଡୁବୁଡୁବି ନଦୀ ଉପରେ ଦୀର୍ଘ ଦିନରୁ ନିର୍ମାଣାଧିନ ପୋଲ କାର୍ଯ୍ୟ ଆପାତତଃ ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଛି । ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦାସୀନତା ପାଇଁ ଏହି ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା କାରଣରୁ ରାଜ୍ୟ ସରକାର ନିର୍ମାଣକାରୀ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଥିଲେ । ମାତ୍ର ପୋଲ ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ତାହା ଏକ ପ୍ରଶ୍ନବାଚୀ ହୋଇଥିବା ବେଳେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ଏହା ଉପରେ ପୂର୍ଣ୍ଣ ବିରାମ ଲଗାଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିଯୁକ୍ତ ହୋଇଥିବା ନୂଆ ଠିକାଦାର ସଂସ୍ଥାକୁ ସଦର ବିଧାୟକ ଶ୍ରୀ ଦତ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି । ଏ ନେଇ ଡୁବୁଡୁବି ନଦୀର ସାହୁଘାଟ ଠାରେ ପହଂଚି ବିଧାୟକ ଶ୍ରୀ ଦତ ଅସମ୍ପୂର୍ଣ୍ଣ ପୋଲର ସ୍ଥିତି ଅନୁଧ୍ୟାନ ସହ ଯୋଜନାବଦ୍ଧ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଧାପନ୍ତରିଆ ହୋଇ ପଡିରହିଥିବା ପୋଲର ନିର୍ମାଣ କାର୍ଯ୍ୟ ସାରିବାକୁ ଠିକାଦାର ସଂସ୍ଥା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସଦର ମହକୁମାରୁ କଷାଫଳ ପଂଚାୟତକୁ ଦୂରତ୍ୱ ପାଖାପାଖି ୬୦ କିଲୋମିଟର । ଏହି ଦୂରତାକୁ ପାଖାପାଖି ୩୦ କିଲୋମିଟର କମାଇବା ପାଇଁ ସାର୍ଥା ଓ କଷାଫଳ ପଂଚାୟତ ମଧ୍ୟରେ ଗମନାଗମନ ବ୍ୟବସ୍ଥାରେ ବାଧକ ସାଜିଥିବା ଡୁବୁଡୁବି ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ଦାବୀକୁ ଦୃଷ୍ଟିରେ ରଖି ପ୍ରାଥମିକ ଅବସ୍ଥାରେ ୫କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ୭ବର୍ଷ ତଳୁ ଆରମ୍ଭ ହୋଇଥିବା ୧୦୦ଫୁଟ ଲମ୍ବର ପୋଲ ନିର୍ମାଣ କାର୍ଯ୍ୟରେ ଦୁଇ ଦୁଇ ଜଣ ଠିକାଦାର ନିୟୋଜିତ ହୋଇଥିଲେ ବି ନଦୀର ଦୁଇ ପାଖରେ କେବଳ ଦୁଇଟି ପିଲର ନିର୍ମାଣ କାର୍ଯ୍ୟ ବି ସମ୍ପୂର୍ଣ୍ଣ ହୋଇପାରିନଥିଲା । ଶ୍ରୀ ଦତ ସଦର ବିଧାୟକ ଭାବେ ନିର୍ବାଚିତ ହେବା ପରେ ସାହୁଘାଟ ଠାରେ ନିର୍ମାଣସ୍ଥଳୀ ପରିଦର୍ଶନ ସହ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ଅସମ୍ପୂର୍ଣ୍ଣ ପୋଲ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରି ପକାଇଥିଲା । ଫଳରେ ପୋଲ ନିର୍ମାଣରେ ଉଦାସୀନତା ପ୍ରଦର୍ଶନ କରୁଥିବା ଠିକାସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସଦର ବିଧାୟକ ଶ୍ରୀ ଦତ ଶେଷରେ ବିଧାନସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କ୍ରମରେ ପୋଲ



ନିର୍ମାଣକାରୀ ଠିକା ସଂସ୍ଥାକୁ ବିଭିନ୍ନ ସମୟରେ କାରଣ ଦର୍ଶାଅ ନୋଟିସ ଜାରି ସହ ଚୁକ୍ତିନାମାକୁ ୨ ଥର ରଦ୍ଦ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଧାନସଭାରେ ଦର୍ଶାଇଥିଲେ । ତେବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ସମ୍ପୃକ୍ତ ଠିକାସଂସ୍ଥା ପୁର୍ନବାର ନିର୍ମାଣ ପାଇଁ ଅନୁମତି ପାଇଥିଲେ ବି ନିର୍ମାଣ କାର୍ଯ୍ୟକୁ ବିଳମ୍ବିତ କରିବା ଅଭିଯୋଗରେ ଠିକାସଂସ୍ଥାର ଚୁକ୍ତିନାମାକୁ ୨୦୨୫ ମସିହା ନଭେମ୍ବର ୧୩ ତାରିଖରେ ରଦ୍ଦ କରାଯାଇଥିଲା । ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସକ୍ରିୟ ହୋଇ ଡୁବଡୁବି ନଦୀ ପୋଲର ବଳକା କାର୍ଯ୍ୟକୁ ଅନ୍ୟ ଏକ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ଠିକାଦାର ସଂସ୍ଥା ଚୟନ କରିଛି । ସଦର ବିଧାୟକ ଶ୍ରୀ ଦତଙ୍କ ତ୍ୱରିତ ଓ ସମୟାନୁପେଯାଗୀ ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ଏହି ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ସ୍ଥାନୀୟ ଅଂଚଳବାସୀ ଆଶା ବାନ୍ଧିଛନ୍ତି ।

# ଟାଉନହଲ ଶ୍ରୀ ମହାବୀର ହନୁମାନ ମନ୍ଦିରରେ ହନୁମାନ ଚାଳିଶା ଓ ହନୁମାନ ଜୟନ୍ତୀ ପାଳିତ

ବାଲେଶ୍ୱର(ନି.ପ୍ର.): ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ବାଲେଶ୍ୱର ସହରର ଟାଉନହଲ ନିକଟସ୍ଥ ଶ୍ରୀ ହନୁମାନ ମନ୍ଦିରରେ ଗତ କାଲି ଓ ଆଜି ଦୁଇ ଦିନ ଧରି ଶ୍ରୀ ହନୁମାନ ଜୟନ୍ତୀ ପାଳିତ ହୋଇଛି । ଗତକାଲି ସୋମବାର ଦିନ ପ୍ରାତଃ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରୀ ସୁନ୍ଦରାକାଣ୍ଡ ପାରାୟଣ ସହ ୧୦୮ ଶ୍ରୀ ହନୁମାନ ଚାଳିଶା ପାଠ ଅତ୍ୟନ୍ତ ଭକ୍ତିର ସହ ଅନୁଷ୍ଠିତ ହୋଇଯାଇଛି । ଦିବା୧୦ ଘଟିକା ସମୟରେ ମନ୍ଦିର କମିଟିର ଆବାହକ ଡ. ଶ୍ରୀ ଗୌର ସାଧନ ମିଶ୍ରଙ୍କ ଦ୍ୱାରା ସଂକଳ୍ପ କରିବା ପରେ ମନ୍ଦିର ପୂଜକ ପଣ୍ଡିତ କୃ□ବାସ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରଥିଲେ ଏବଂ ବିଶିଷ୍ଟ ପ୍ରବଚକ ପଣ୍ଡିତ ଆଦିତ୍ୟ ନାରାୟଣ ମିଶ୍ର ଓ ତାଙ୍କ ସହଯୋଗୀ ସମସ୍ତଙ୍କ ଉପସ୍ଥିତିରେ ଶଙ୍ଖ ଓ ଜୟ ଶ୍ରୀରାମ ଧ୍ୱନି ସହିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ପୁଷ୍ପାଞ୍ଜଳି ଦେବା ସହ ଶ୍ରୀହନୁମାନ ଜୟନ୍ତୀ ଉତ୍ସବର ଶୁଭାରମ୍ଭ କରିଥଲେ ଏବଂ ଏହି ଅଧ୍ୟାତ୍ମିକ କାର୍ଯ୍ୟର ଭୂୟସୀ ପ୍ରଂଶସା କରିଥିଲେ ।

ସୋମବାର ସନ୍ଧ୍ୟାରେ ସବୁ ଭକ୍ତ କ୍ଷୀରି ଖେଚୁଡ଼ି ପ୍ରସାଦ ସେବନ କରିଥିଲେ ଏବଂ ମଙ୍ଗଳବାର ଦିବା ୧୨ ଘଟିକାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତେ ପ୍ରାସାଦ ସେବନ କରି ବହୁ ଆନନ୍ଦିତ ଅନୁଭବ କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶ୍ରୀ ହନୁମାନ ଭଗବାନଙ୍କର ସମସ୍ତ ପୂଜାର୍ଚ୍ଚନା ବିଧିବିଧାନ ଅନୁସାରେ ପଣ୍ଡିତ କୃତିବାସ ପଣ୍ଡା ଓ ତାଙ୍କ ସହଯୋଗୀ ବେଦଜ୍ଞ ପଣ୍ଡିତ ବ୍ରାହ୍ମଣ ଅତ୍ୟନ୍ତ ନିଷ୍ଠାର ସହିତ କରିଥଲେ । ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ଓ ପୂର୍ଣ୍ଣାଳତି ସହ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତେ ଲଡୁ ଭୋଗ ଗ୍ରହଣ କରି ହନୁମାନ ଭଗବାନଙ୍କର କୃପା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ଶ୍ରୀ ଗୋପାଳ ଚନ୍ଦ୍ର ନାୟକ ଓ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ସଧାରଣ ସମ୍ପାଦକ ଶ୍ରୀ ଗୌର ଚନ୍ଦ୍ର ଦାଶ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିପୁଳ ସଂଖ୍ୟାର ରାମଭକ୍ତମାନେ ଉପସ୍ଥିତ ରହି ନିଜକୁ ଧନ୍ୟ ମନେ କରିବା ସହ 'ଜୟ ଶ୍ରୀରାମ' ଧ୍ୱନି କରି ମନ୍ଦିର କମିଟିର ସବୁ ସଦସ୍ୟଙ୍କୁ ଏହି ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ସାଧୁବାଦ ଜଣାଇଥିଲେ ।

ମଙ୍ଗଳବାର ସନ୍ଧ୍ୟାରେ ସଦର ବିଧାୟକ ମାନ୍ୟବର ଶ୍ରୀ ମାନସ କୁମାର ଦ□ ଆସି ଦର୍ଶନ କରିବା ସହ ଯଜ୍ଞକୁଣ୍ଡରେ ସାରା ବିଶ୍ୱର କଲ୍ୟାଣ ନିମନ୍ତେ ଆହୁତି ଦେଇ ଶ୍ରୀହନୁମାନ ଭଗବାନଙ୍କୁ ପ୍ରାର୍ଥନା କରିଥଲେ ଏବଂ ଏହି ମନ୍ଦିରର ଉନ୍ନତି ତଥା ଟାଉନ ହଲ ରୋଡ୍‌ରୁ ମନ୍ଦିରକୁ ଥିବା ମୁଖ୍ୟ ପ୍ରବେଶ ଦ୍ୱାର ପାଇଁ ତାଙ୍କ ପାଣ୍ଠିରୁ ଆର୍ଥିକ ଅନୁଦାନ ଏହି ବର୍ଷ ଦେବେ ବୋଲି ଘୋଷଣା କରିଥିଲେ ଏବଂ ଏଥିପାଇଁ ସମସ୍ତେ ଜୟ ଶ୍ରୀରାମ ଧ୍ୱନି ସହିତ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ । ଏହି ଧାର୍ମିକ କାର୍ଯ୍ୟକ୍ରମରେ ମନ୍ଦିର କମିଟିର



ବରିଷ୍ଠ ଓ ସକ୍ରିୟ ସଦସ୍ୟ ସର୍ବଶ୍ରୀ ଲକ୍ଷ୍ମଣ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ରଞ୍ଜିତ୍ ନନ୍ଦୀ, ବସନ୍ତ କୁମାର ଦାସ, ସନାତନ ଲେଙ୍କା, ବିକ୍ରମ କେଶରୀ ମହାପାତ୍ର, ସିଦ୍ଧାର୍ଥ ପ୍ରଧାନ, ଜଗବନ୍ଧୁ ଦାଶ ଏବଂ ସକ୍ରିୟ ଯୁବ ସଦସ୍ୟ ସର୍ବଶ୍ରୀ ରୂପରଞ୍ଜନ ବାରିକ, ରାକେଶ ନନ୍ଦୀ, ଚନ୍ଦ୍ର ଶେଖର ମହାପାତ୍ର, ଗୌରଜ୍ୟୋତି ମିଶ୍ର ଓ ଶୁଭେଚ୍ଛୁ ସର୍ବଶ୍ରୀ ଚନ୍ଦ୍ରାଂଶୁ ବାନାର୍ଜୀ, ଜ୍ଞାନ ରଂଜନ ପାଣି, ଚିନ୍ମୟ କୁମାର ରାଉତ, ଚୁନିଲାଲ ଭୌମିକ ତଥା ସମସ୍ତ ଭକ୍ତମାନେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ଆନ୍ତରିକ ସହଯୋଗ କରିଥିଲେ । ଶେଷରେ ପ୍ରବଚକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଶ୍ରୀରାମ କଥା ଉପରେ ପ୍ରବଚନ ଦେଇଥିଲେ ଏବଂ ଏହା ଶୁଣି ସମସ୍ତେ ବହୁତ ପ୍ରୀତ ହୋଇ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ସର୍ବସଫଳତା ପାଇଁ ଆବାହକ ଡ. ଶ୍ରୀ ଗୌର ସାଧନ ମିଶ୍ର ସମ୍ପୃକ୍ତ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିବା ସହ ହନୁମାନ ଭଗବାନଙ୍କର କୃପା ଭିକ୍ଷା କରି ସମସ୍ତଙ୍କର ମଙ୍ଗଳ କାମନା କରଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଉଦ୍‌ଘାଟିତ ହେଲା ତ୍ରିଦିବସୀୟ ଜଉକଣ୍ଢେଇ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, (ନି.ପ୍ର.): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ପଳାଶ ଗଡ଼ିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତରଫରୁ ତ୍ରିଦିବସୀୟ ଜଉକଣ୍ଢେଇ ଶିବିର ଉଦଘାଟିତ ହୋଇଯାଇଛି ।ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରୀ ଜଉକଣ୍ଢେଇର ପୁନରୁଦ୍ଧାରକାରୀ ବିଶିଷ୍ଟ ଶିଳ୍ପୀ କେଶୁ ଦାସ ଯୋଗ ଦେଇ ଭାରତୀୟ କଣ୍ଢେଇର କଳା ସଂସ୍କୃତି ଶିକ୍ଷା ସ୍ୱାସ୍ଥ୍ୟ ପରିବେଶ ଓ ଅର୍ଥନୀତି ପ୍ରତି ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋକପାତ କରିବା ସହ ବାଲେଶ୍ୱରୀ ଜଉକଣ୍ଢେଇର ବୈଶିଷ୍ଟ୍ୟ ବିଷୟରେ ଅଭିବ୍ୟକ୍ତି ରଖିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପାର୍ଥ ସୁନ୍ଦର ମହାକୁଡ ଯୋଗ ଦେଇ ଶିବିର ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ଜ୍ଞାନ କୌଶଳ ତଥା ସୃଜଶୀଳତା ବିକାଶ ଘଟେ ବୋଲି ବକ୍ତବ୍ୟରେ କହିଥିଲେ । ଏଥିରେ ବିଶିଷ୍ଟ ଜଉ କଣ୍ଢେଇ ଶିଳ୍ପୀ ତଥା ପ୍ରଶିକ୍ଷିକା ମାୟା ନାୟକ, ଓ ରଞ୍ଜିତା ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ





ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଶ୍ରୀ ରତିକାନ୍ତ ପଣ୍ଡା ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଶ୍ରୀମତୀ ଜୟନ୍ତୀ ପରିଡା ଧନ୍ୟବାଦ୍ ପ୍ରଦାନ କରିଥିଲେ । କଳା ଶିକ୍ଷୟତ୍ରୀ ଜ୍ୟୋସ୍ନାପ୍ରିୟା ବିଶ୍ୱାଳ ଶିବିରକୁ ପରିଚାଳନା କରିଥିବା ବେଳେ ୬୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାନେ କଣ୍ଢେଇ ଗଢ଼ିବା ପାଇଁ ମାଟି ପ୍ରସ୍ତୁତି କରିବା ସହ ହାତୀ ଘୋଡ଼ା, କଇଁଛ, ବତକ, ପକ୍ଷୀ ଇତ୍ୟାଦି ଗଢ଼ିବା ଶିଖିଥିଲେ ।

# ବିଏସ୍‌ପି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ବାଲେଶ୍ୱର,(ନି.ପ୍ର.): ବହୁଜନ ସମାଜପାର୍ଟି ପକ୍ଷରୁ ସମ୍ବିଧାନ ପ୍ରଣେତା ବିଶ୍ୱରତ୍ନ ବାବାସାହେବ ଡ. ବି.ଆର. ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଗତ ୧୪ ତାରିଖ ସନ୍ଧ୍ୟା ୬ଟାରେ ଆମ୍ବେଦକର ଭବନ ବାଲେଶ୍ୱର ଠାରେ ଏହାର ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ବିଏସ୍‌ପି କର୍ମୀ ଯୋଗ ଦେଇଥିଲେ । ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଯୋଗ ଦେଇ କହିଥିଲେ ରାଜତନ୍ତ୍ର ବ୍ୟବସ୍ଥାରେ କେବଳ ରାଣୀର ପୁଅ ରାଜା ହେଉଥିଲା । ରାଜାର ପୁଅ ହୋଇ ମଧ୍ୟ ଯଦି ଦାସୀର ଗର୍ଭରୁ ଜନ୍ମ



ହେଉଥିଲା, ସେ ରାଜା ହୋଇ ପାରୁ ନଥିଲା । କିନ୍ତୁ ଗଣତନ୍ତ୍ର ବ୍ୟବସ୍ଥାରେ ଡ. ଆମ୍ବେଦକର ଚାଷୀ-ମୂଲିଆ, ବେପାରୀ, ପୂଜାରୀର ପିଲାମାନଙ୍କୁ ରାଜା ହେବାର ଅଧିକାର ଦେଇଛନ୍ତି । ସ୍ୱାଧୀନତା ପରବ□ୀ ସମୟରେ ବାବା ସାହେବ ଡ. ଆମ୍ବେଦକର ସମ୍ବିଧାନ ରଚନା କରି ଦେଶବାସୀଙ୍କୁ ପା□ବର୍ଷରେ ଥରେ ରାଜା ବାଛିବାର ଅଧିକାର ଦେଲେ । ଏହି ଜୟନ୍ତୀ କାର୍ଯ୍ୟକ୍ରମକୁ ସଫଳ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବଶ୍ରୀ ନିରଞ୍ଜନ ମହାଳିକ, ଆଡ଼ଭୋକେଟ୍ ସୌଭାଗ୍ୟ ମଲ୍ଲିକ୍, ଗଗନ ପାତ୍ର, ମିନତୀ ଜେନା, ପ୍ରହଲ୍ଲାଦ ଦାସ, ଭୋଳାନାଥ ବେହେରା, କୈଳାସ ଦାସ, ଉପେନ୍ଦ୍ର ଦାସ, ବେଦସ୍ମିତା ଦାସ ଓ ଗୋବିନ୍ଦ ବେହେରା ଅନ୍ୟତମ । ଶେଷରେ ନେତ୍ରୀ ଆରତୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବିଷୁବ ସଂକ୍ରାନ୍ତି ଅବସରରେ 'ଅଭିନବ ୪୨ ମୌଜା' ପକ୍ଷରୁ ଅନୁଷ୍ଠିତ ହେଲା ଓଡ଼ିଆ ନବବର୍ଷ ପାଳନ ଓ ପଣା ବଂଟନ

ବାଲେଶ୍ୱର,(ନି.ପ୍ର.): ପବିତ୍ର ମହା ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ 'ଅଭିନବ ୪୨ ମୌଜା' ପକ୍ଷରୁ ବେଂଟକାର ଅଂଚଳରେ ପଣା ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଗ୍ରୀଷ୍ମ ତାପର ତୀବ୍ରତାକୁ ଦୃଷ୍ଟିରେ ରଖି ସଂଗଠନ ପକ୍ଷରୁ ସାଧାରଣ ଲୋକ ଓ ପଥିକମାନଙ୍କୁ ଶୀତଳ ପଣା ବଂଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସୁବାଷ ଚନ୍ଦ୍ର ସାହୁ, ନକୁଳ ବେହେରା, ବିଷ୍ଣୁ ଚରଣ ଦାଶ, ତୃପ୍ତି ରଞ୍ଜନ ପତି, ଦୁର୍ଗା ମାଧବ ପତି, ଜ୍ୟୋତି ରଞ୍ଜନ ମହାପାତ୍ର, ସୁଜାତା ସ୍ୱାଇଁ, ଖିରୋଦ ବୈଠାଲୁ, ବିଶ୍ୱଜିତ ପତି, ବିଘ୍ନେଶ୍ୱର ଜେନା, ଅମିତ ମହାପାତ୍ର, କାଳୀପ୍ରସନ୍ନ ଶତପଥୀ, ସତ୍ୟବ୍ରତ ଦୀକ୍ଷିତ, ଯୁବରାଜ ନାୟକ, ଅଧିକାନ୍ଦ ଭୋଇ, ସମୀର କୁମାର ନାୟକ, ସ୍ୱାଗତ କୁମାର ନାୟକ ଓ ପ୍ରଭାତୀ ଦାଶ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଭାଗୀ ହୋଇଥିଲେ ।ସ୍ଥାନୀୟ ଅଂଚଳରେ ସଂଗଠନର ଏହି ଜନହିତକର ପଦକ୍ଷେପକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।



# ବୃନ୍ଦାବତୀ ବିହାର ବିକାଶ ପରିଷଦର ବାର୍ଷିକ ଉତ୍ସବ ଓ ଚଇତି ପର୍ବ ଉଦ୍‌ଯାପିତ

ବାଲେଶ୍ୱର,(ନି.ପ୍ର.): ବାଲିଆ ବୃନ୍ଦାବତୀ ବିହାର ବିକାଶ ପରିଷଦର ବାର୍ଷିକ ଉତ୍ସବ ଓ ଇଷ୍ଟଦେବୀ ମା' ମଙ୍ଗଳାଙ୍କର ଚଇତିପର୍ବ ଉଦ୍‌ଯାପିତ ହୋଇଯାଇଛି । ସନ୍ଧ୍ୟାରେ ଅନୁଷ୍ଠିତ ପରିଷଦର ବାର୍ଷିକ ସାଧାରଣ ସଭାରେ ଡ. ଉପେନ୍ଦ୍ରନାଥ ପାତ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ୍ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇ ସ୍ଥାନୀୟ ବାସିନ୍ଦାମାନଙ୍କ ଏକତାକୁ ଉଚ୍ଚପ୍ରଶଂସା କରିଥିଲେ । ମୁଖ୍ୟଅତିଥି ଶ୍ରୀ ବେହେରା ନୃତ୍ୟପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଆନନ୍ଦ କୁମାର ଗିରି, ମାନସ କୁମାର ଜେନା, ନିହାର ରଂଜନ ଦାସ ମହାପାତ୍ର ମ□ ପରିଚାଳନା କରିଥିଲେ । ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଡ. ଯଶୋବନ୍ତ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ । ସମୀକ୍ଷକ ପ୍ରାଣବନ୍ଧୁ ବିଶ୍ୱାଳ ଆୟବ୍ୟୟର ବିବରଣୀ ପ୍ରଦାନ



କରିଥିଲେ । ସ୍ଥାନୀୟ ଶିଶୁକଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଚଇତିପର୍ବ ପାଇଁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କାଂଚନବାଳା ପାତ୍ର, ସୁସନ୍ଧ୍ୟା ସ୍ୱାଇଁ, ସୌମ୍ୟା ସୁଚରିତା ପାତ୍ର, ମମତା ବିନ୍ଧାଣୀ, ଗୋବିନ୍ଦ ବିନ୍ଧାଣୀ, କାଳିଚରଣ ବିନ୍ଧାଣୀ ସହଯୋଗ କରିଥିଲେ ଓ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀମାନେ ସହଯୋଗ ପ୍ରଦାନ କରିଥିଲେ । ଶିକ୍ଷାବିତ୍ ସୁବଲ୍ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଏକ ଐତିହାସିକ ସାହିତ୍ୟ ସନ୍ଧ୍ୟାରେ ଉନ୍ମୋଚିତ ହେଲା ଜଗନ୍ନାଥ ପାଣିଙ୍କ ଉପନ୍ୟାସ 'ପଲ୍ସ ଅଫ୍ ଦି ଆର୍ଥ' ଓ 'ବାତାୟନ' ପତ୍ରିକା

ବାଲେଶ୍ୱର,(ନି.ପ୍ର.): ଏକ ଭାବଗମ୍ଭୀର ସାହିତ୍ୟ ପରିବେଶ ଭିତରେ ଜଗନ୍ନାଥ ପାଣିଙ୍କ ବହୁ ପ୍ରତୀକ୍ଷିତ ଉପନ୍ୟାସ 'ପଲ୍ସ ଅଫ୍ ଦି ଆର୍ଥ' ଇତିମଧ୍ୟରେ ଭୁବନେଶ୍ୱରସ୍ଥିତ ହୋଟେଲ ମେଫେୟାର୍ ଠାରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି ।ଏହି ଅବସରଟି ଲେଖକଙ୍କ ୬୦ତମ ଜନ୍ମଦିନ ହୋଇଥିବାରୁ ସନ୍ଧ୍ୟାଟି ଅତ୍ୟନ୍ତ ପ୍ରାସଙ୍ଗିକ ହେବା ସହିତ ସ୍ମରଣୀୟ ହୋଇଥିଲା । ଫିଙ୍ଗରପ୍ରିଂଟ ପବ୍ଲିକେସନ୍ ? ଦ୍ୱାରା ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଅତିଥି— ଲେଖକ, ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଯୋଗ ଦେଇ ସନ୍ଧ୍ୟାଟିକୁ ସାହିତ୍ୟ ଓ ସଂସ୍କୃତିର ଏକ ସଜୀବ ସମାଗମରେ ପରିଣତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଯଶସ୍ୱୀ କବି ଡକ୍ଟର ଫନୀ ମହାନ୍ତି ଯୋଗିଦେଇ ଉପନ୍ୟାସଟିକୁ ଅନାବରଣ କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହା ଏମିତି ଏକ ଦୁର୍ଲଭ ସାହିତ୍ୟ କୃତି, ଯାହା ଆଧୁନିକ ସମାଜକୁ ପୃଥିବୀର ନିରବ ପ୍ରଜ୍ଞା ଓ ସାଂସ୍କୃତିକ ମୂଲ୍ୟର ଅତୁଟ ଶକ୍ତି ସହିତ ପୁନଃ ସଂଯୋଗ କରେ ।



କବି ପ୍ରହରାଜ ଜୟନାରାୟଣ ନନ୍ଦ, ଅଜୟ ମହାପାତ୍ର, ସାଇ ପ୍ରକାଶ, କାଳିଚରଣ ପାଢୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଏହି ଅବସରରେ ଉପସ୍ଥିତ ରହି ଲେଖକୀୟ ପରିମଣ୍ଡଳକୁ ମର୍ଯ୍ୟାଦାବନ୍ତ କରିଥିଲେ ।ଏହି ସମାରୋହରେ ଓଡ଼ିଆ ସାହିତ୍ୟ ପତ୍ରିକା 'ବାତାୟନ'ର ବିଷୁବ ସଂଖ୍ୟା ମଧ ଲୋକାର୍ପିତ ହୋଇଥିଲା । 'ପଲ୍ସ ଅଫ୍ ଦି ଆର୍ଥ' ଏକ ପରମ୍ପରାଗତ ଆଦିବାସୀ ପିଢ଼ିର କାହାଣୀ, ଯେଉଁଥିରେ ପରିଚୟ, ପ୍ରେମ, ବିୟୋଗ ଓ ସଂସ୍କୃତିର ଝଲକ ରହିଛି । ଜଙ୍ଗଲ ପରିବେଶକୁ ପୃଷ୍ଠଭୂମି କରି ରଚିତ ଏହି କାହାଣୀରେ ନିରବତା ମଧ ଅର୍ଥବାହୀ ହୋଇଉଠିଛି । କାହାଣୀର କେନ୍ଦ୍ରବିନ୍ଦୁରେ ଥିବା ପବିତ୍ର ଢୋଲଟି ସ୍ମୃତି, ପରମ୍ପରା ଓ ଆତ୍ମିକ ସମ୍ପର୍କର ପ୍ରତୀକ ଭାବେ ଉଦ୍ଭାସିତ ହୋଇଛି । ଚରିତ୍ରମାନଙ୍କ ଜୀବନଯାତ୍ରା ମାଧ୍ୟମରେ ଆଧୁନିକତାର ଅନୁପ୍ରବେଶ ଓ ଆଦିବାସୀ ଜୀବନ ମଧ୍ୟରେ ଥିବା ଅବହେଳାକୁ ଉଜାଗର କରିଛି । ସମାଲୋଚକମାନେ ଏହାକୁ "ପରମ୍ପରା ଓ ଆଧୁନିକତାର ମଧ୍ୟରେ ଏକ ସାହିତ୍ୟିକ ସେତୁ" ବୋଲି ମତ ପ୍ରକାଶ କରିଛନ୍ତି । ଏହି ସନ୍ଧ୍ୟାରେ ଔପନ୍ୟାସିକ ଇଂ. ଜଗନ୍ନାଥ ପାଣିଙ୍କ ୬୦ତମ ଜନ୍ମଦିନ ମଧ ପାଳିତ ହୋଇଥିଲା । ବର୍ତ୍ତମାନ ସେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗରେ ମୁଖ୍ୟ ଯନ୍ତ୍ରୀ ଭାବେ କାର୍ଯ୍ୟରତ । ରାୟଗଡ଼ାର ଏକ ଦୂରସ୍ଥ ଗ୍ରାମରୁ ତାଙ୍କର ଲେଖକୀୟ ଜୀବନ ଆରମ୍ଭ ହୋଇଥିଲା । ଗ୍ରାମୀଣ ଜୀବନ ଓ ଭାରତୀୟ ସାମାଜିକ ସଂରଚନା ସହିତ ତାଙ୍କର ଗଭୀର ସମ୍ପର୍କ ତାଙ୍କର ସାହିତ୍ୟ ସ୍ୱରକୁ ଗଢ଼ି ତୋଳିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସତ୍ୟବ୍ରତ ଜେନା ସ୍ୱାଗତ ଭାଷଣ ରଖିବା ସହିତ ସାହିତ୍ୟର ସାଂସ୍କୃତିକ ସଚେତନତା ଗଢ଼ି ତୋଳିବାରେ ଭୂମିକାକୁ ଉଲ୍ଲେଖ କରିଥିଲେ । ଶେଷରେ ଶଶିଶେଖର ସାମନ୍ତଙ୍କ ଧନ୍ୟବାଦ ଦେଇଥିଲେ ।



# ୪କୋଟିର ରାସ୍ତା କାମରେ ଅନିୟମିତତା, ରାସ୍ତା ବନ୍ଦ କରି ଚାଲିଛି କାମ



ଧାମନଗର(ନିପ୍ର) : ଧାମନଗର ବ୍ଲକ ଦଇପୁର ପଂଚାୟତର ବାବୁରିଗାଁ ଠାରୁ ଚୁଡାକୁଟି ପଂଚାୟତର ମାଙ୍କିଡିଆ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା କାମରେ ଅନିୟମିତତା ଅଭିଯୋଗ ହୋଇଛି । ଭଦ୍ରକ ଆରଡି ବିଭାଗ ପକ୍ଷରୁ ୨କିମି ୭୦୦ ମିଟର ଲମ୍ବା ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ହୋଇଥିବା ସତ୍ୱେ କାର୍ଯ୍ୟର ନିମ୍ନମାନର ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଦେଖାଦେଇଛି । ଅଭିଯୋଗ ଅନୁସାରେ ପୂର୍ବରୁ ଥିବା ପିଚ୍ ରାସ୍ତାକୁ ସଠିକ୍ ଭାବେ ପ୍ରସ୍ତୁତି ବିନା ସିଧାସଳଖ ଢ଼ଳାଇ କରାଯାଉଛି । ନିର୍ମାଣ ସମୟରେ ପାଣି ନ ଦେଇ ୱାଟର ରୋଲିଂ କରାଯାଉଛି, ନା କି ପ୍ରତ୍ୟେକ ଲେୟରକୁ ରୋଲର ଚଢ଼ାଇ କମ୍ପାକ୍ସନ୍ କରାଯାଉଛି । ଫଳସ୍ୱରୂପ, ରାସ୍ତାର ଭିତି ଦୃଢ ହେଉନଥିବାରୁ ନିର୍ମାଣ କାମର କ୍ୱାଲିଟି ଖରାପ ହୋଇଛି । ସେହିପରି ନିୟମ ଅନୁଯାୟୀ ମେଟାଲ ବ୍ୟବହାର କରିବାକୁ ଥିଲେ ସୁଦ୍ଧା ଚିପ୍ସି ସହ ବଜରି ମିଶାଇ ଢ଼ଳାଇ କରାଯାଉଥିବା ଦେଖିବାକୁ ମିଳିଛି । ଏହାର ପରିଣାମ ସ୍ୱରୂପ ରାସ୍ତାର ଦୃଢତା କମିଯାଇଥିବା ଦେଖାଯାଉଛି । ମାଙ୍କିଡିଆ ଆରମ୍ଭରେ ନୂତନ ରାସ୍ତା ଫାଟିଯାଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ, ଯାନବାହନ ଓ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ସତ୍ୱେ ଡାଇଭର୍ସନ ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ଗ୍ରୀଷ୍ମ ପ୍ରଭାବରେ ସାଧାରଣ ଲୋକ ଅଧିକ ୫ କିମି ରାସ୍ତା ଦୈନିକ ଯିବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି, କାର୍ଯ୍ୟସ୍ଥଳରେ କୌଣସି ଅଧିକାରୀ ଉପସ୍ଥିତ ନଥିବାରୁ କାମର ନିରୀକ୍ଷଣ ନେଇ ମଧ ପ୍ରଶ୍ନ ଉଠିଛି । ନିୟମ କୁହୁଛି: ସରକାରୀ ମାନକ ଅନୁଯାୟୀ ରାସ୍ତା ନିର୍ମାଣରେ ପାଣି ଦେଇ ଭଲଭାବରେ କମ୍ପାକ୍ସନ୍ (ପ୍ରାୟ ୩ ଇଂଚ) କରିବା, ପ୍ରତ୍ୟେକ ଲେୟରକୁ ରୋଲିଂ କରି ଦୃଢ କରିବା, ଉତମ ମାନର ମେଟାଲ ବ୍ୟବହାର କରିବା ଓ ଖରାପ ମାଲମସଲା ବ୍ୟବହାର ନ କରିବା ଆବଶ୍ୟକ । ଏହା ସହିତ ଡ୍ରେନେଜ ବ୍ୟବସ୍ଥା ଓ ଡାଇଭର୍ସନ ରାସ୍ତା ଦେବା ଅନିବାର୍ଯ୍ୟ ରହିଛି । ଏହି ସମସ୍ତ ନିୟମକୁ ଅବହେଳା କରାଯାଉ ଥିବାରୁ ରାସ୍ତାର ଦୀର୍ଘସ୍ଥାୟୀତ୍ୱ ନେଇ ସମସ୍ୟା ସୃଷ୍ଟି ହୋଇଛି । ଏହାକୁ ନେଇ ସ୍ଥାନୀୟ ଲୋକେ ତତ୍କାଳ ତଦନ୍ତ ସହ ଠିକାଦାର ପତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଲାଇସେନ୍ସ କଳା ତାଲିକା ଭୁକ୍ତ କରିବାକୁ ଦାବି କରିଛନ୍ତି । ଏନେଇ ଭଦ୍ରକ ଆରଡି ବିଭାଗର ଏସଡିଓ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଠିକାଦାରଙ୍କୁ ଡାଇଭର୍ସନ ରାସ୍ତା ବ୍ୟବସ୍ଥା କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା, କିନ୍ତୁ ସେହି ନିର୍ଦ୍ଦେଶକୁ ମାନାଯାଇ ନାହିଁ । ଏହା ସହିତ ରାସ୍ତା ଆରମ୍ଭରୁ ଫାଟିଯାଇଥିବା ଅଭିଯୋଗ ସନ୍ଦର୍ଭରେ ସେ କହିଛନ୍ତି ଯେ, ମୁଁ ନିଜେ କାଲି ସ୍ଥଳ ପରିଦର୍ଶନ କରି ଘଟଣାର ତଦନ୍ତ କରିବି ।

# ଉଦ୍‌ଘାଟିତ ହେଲା ସାରୁଗାଁ ମହୋତ୍ସବ



ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡା ପଡିଆରେ ମଙ୍ଗଳବାର ସଂଧ୍ୟାରେ ଆମ ସାରୁଗାଁ ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ବିଧାୟକ ପଦ୍ମଲୋଚନ ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବ ନିଜ ଗାଁ ଓ ନିଜ ଅଂଚଳର ପରମ୍ପରା ଓ ସଂସ୍କୃତିକୁ ଉଦଯିବିତ କରିଥାଏ ବୋଲି ପ୍ରକାଶ କରିଥିଲେ । କମିଟି ସଭାପତି ରଘୁନାଥ ମହାନ୍ତି ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜିବୀ ଯୁଧିଷ୍ଠିର ନାୟକ ସମ୍ମାନନୀୟ ଅତିଥି, ସମ୍ପାଦକ ଜୟନ୍ତ କୁମାର ଦାସ ବିବରଣୀ ପାଠ କରିଥିଲେ । ବିଶିଷ୍ଟ ପ୍ରବଚକ ଶିବପ୍ରସାଦ ଦାସ ଈଶ୍ୱରଙ୍କ ମହିମା ବର୍ଣ୍ଣନା ପରିବେଶକୁ ଅତ୍ୟନ୍ତ ଭାବ ବିହ୍ୱଳ କରିଥିଲା । ସେହିଭଳି ବୁଧବାର ଦ୍ୱିତୀୟ ସଂଧ୍ୟାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୂପ ଦାସ, ପ୍ରାକ୍ତନ ରେମୁଣା ବିଧାୟକ ସୁଧାଂଶୁ ପରିଡା, ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସମିତିସଭ୍ୟ ପ୍ରତିନିଧି ଜିତେନ୍ଦ୍ର ବେହେରା, ଯୁବ ନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଂଚଳର ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଯାତ୍ରା କଳାକାର ବିଷ୍ଣୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ ମହାପାତ୍ର ମଂଚ ପରିଚାଳନା କରିଥିଲେ । ଶେଷରେ କମେଡି କିଙ୍ଗ ପପୁ ପମପମଙ୍କ ହାସ୍ୟ ଅଭିନୟ ରେ ଦର୍ଶକ ଭରପୁର ମଜାନେବା ସହ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି ଓ ସୌଜନ୍ୟ ରଥଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା । କମିଟି ସଦସ୍ୟ ଗୌତମ ରାଉତ, ହେମନ୍ତ ଲେଙ୍କା, ଶଙ୍କର୍ଷଣ ନାୟକ ଓ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରସାୟନ ବିଜ୍ଞାନ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଖୁଂଟା(ନିପ୍ର) : ଖୁଂଟା ଜି ବି ନଗର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଅଶ୍ୱିନୀ ରଞ୍ଜନ ମିଶ୍ର ଓ ସମ୍ମାନୀତ ଅତିଥି ଭାବରେ ଗଣିତ ବିଭାଗର ଅଧ୍ୟାପକ ମାନଗୋବିନ୍ଦ ଖିଲାର ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ରସାୟନ ବିଜ୍ଞାନର ମୁଖ୍ୟ ଶୁଭମ ସାସମଲ ମଂଚ ପରିଚାଳନା କରିଥିବା ବେଳେ ସହଯୋଗୀ ଅଧ୍ୟାପକ ସୁଧାଂଶୁ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଡେମୋନ ଷ୍ଟ୍ରେଟର ପରମାନନ୍ଦ ମହାନ୍ତ କାର୍ଯ୍ୟକ୍ରମକୁ ଆଗକୁ ନେବାରେ ମଧ ସହଯୋଗ କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ତପସ୍ୱିନୀ ବେହେରା ପ୍ରୋଗ୍ରାମ ପରିଚାଳନା ଦାୟିତ୍ୱ ବହନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା ପୂର୍ବକ ଭବିଷ୍ୟତରେ ନିଜକୁ ସୁସଂଗଠିତ କରି ଗଢ଼ି ତୋଳିବା ପାଇଁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଗଣ ଉପସ୍ଥିତ ରହିଥିଲେ ।

# ବାଇକ୍ ଚୋରି କରିନେଲେ ଦୁର୍ବୃତ

ସୋର(ନିପ୍ର) : ବାଲଙ୍ଗ ଗ୍ରାମ ପଂଚାୟତ ସିମୁଳିଆ ଗ୍ରାମର ନିତ୍ୟାନନ୍ଦ ବାରିକ ନିଜ କାମ ସାରି ଘରେ ପାହଂଚି ଗାଡି ଟିକୁ ତାଙ୍କ ପିଣ୍ଡା ରେ ରଖି ହେଣ୍ଡାଲ ଲକ ସହିତ ଚେନ ରେ ଚାବି ଦେଇ ରଖିଥିଲେ ଯାହାର ନମ୍ବର OD01AH3462, ବିଳମ୍ବିତ ରାତିରେ ହିରୋ ପେଶନପ୍ରୋ ଗାଡିଟିକୁ ଚୋର ମାନେ ଗେଟ ଚାବି ଭାଙ୍ଗି ଗାଡି ଟିକୁ ନେଇ ଯାଇଛନ୍ତି ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଖୋ-ଖୋ ପ୍ରତିଯୋଗିତା -୨୦୨୬ ଉଦ୍‌ଘାଟିତ



ଖୋର୍ଦ୍ଧା(ନିପ୍ର) : ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମ୍ ଠାରେ ମୁଖ୍ୟ ମନ୍ତ୍ରୀ ଖୋ ଖୋ ଚମ୍ପିଅନସିପ୍ ୨୦୨୬ ଉଦ୍ଘାଟିତ ହୋଇଯାଇଅଛି । ଜିଲ୍ଲା କ୍ରୀଡ଼ା ଅଧିକାରୀ, ଖୋର୍ଦ୍ଧା ଗୀତାଞ୍ଜଳି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରି ଖୋ ଖୋ କ୍ରୀଡ଼ା ବିତ୍‌ଙ୍କ ସୁଦୂର ପ୍ରସାରୀ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ । କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଖୋ ଖୋ ପ୍ରତିଯୋଗିତାରେ ୧୬ ଗୋଟି ଦଳର ୨୪୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ଏବଂ ଜିଲ୍ଲାର ୨୦ ଜଣ କ୍ରୀଡ଼ା ଶିକ୍ଷକ ଶିକ୍ଷୟତ୍ରୀ ଶୃଙ୍ଖଳାର ସହ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସେହିପରି ଜିଲ୍ଲା କ୍ରୀଡା ସଂସଦ କର୍ମକର୍ତା ଜ୍ୟୋତି ପ୍ରକାଶ ମହାନ୍ତି, ଅନିଲ କୁମାର ସାହୁ, ଦାନିଏଲ ନାଏକ, ବୀର କିଶୋର ସିଂହ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତା, ପ୍ରଶିକ୍ଷକ, ଶିକ୍ଷକ, ଶିକ୍ଷୟତ୍ରୀ, ପ୍ରତିଯୋଗୀ ସମେତ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ । ଶେଷରେ ଅକ୍ଷୟ କୁମାର ମହାନ୍ତି ସମସ୍ତଙ୍କ ସହଯୋଗ ରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଖୋ ଖୋ ଚମ୍ପିଅନସିପ ସାଫଲ୍ୟ ମଣ୍ଡିତ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଡିଏଭି ପବ୍ଲିକ ସ୍କୁଲ, ଏମ୍. ସି. ଏଲ୍, କଳିଙ୍ଗ କ୍ଷେତ୍ରର ସି.ବି.ଏସ୍.ଇ ଦଶମ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା

ତାଳଚେର(ନିପ୍ର) : ଡିଏଭି ପବ୍ଲିକ ସ୍କୁଲ ଏମ୍. ସି.ଏଲ୍, କଳିଙ୍ଗ କ୍ଷେତ୍ରର ଦଶମ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏହି ପରୀକ୍ଷାରେ ବିଦ୍ୟାଳୟର ଦଶମ ଶ୍ରେଣୀର ୨୩ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୬୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ବିଦ୍ୟାଳୟର ଛାତ୍ର ପାର୍ଥ ପ୍ରତିମ ସାହୁ ୯୯ ପ୍ରତିଶତ ଅଙ୍କ ରଖି ପ୍ରଥମ ସ୍ଥାନ, ସୋହାମ ସ୍ୱାଇଁ ୯୮.୨ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଓ ତୃତୀୟ ସ୍ଥାନରେ ସୋଲିନ ଶ୍ରୀନିକେତ ଏବଂ ଅଭିପ୍ସା ପ୍ରଧାନ ଉଭୟ ୯୮ ପ୍ରତିଶତ ଅଙ୍କ ରଖି କୃତିତ୍ୱ ହାସଲ କରି ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳାଇ ଦେଇଛନ୍ତି । ବିଦ୍ୟାଳୟର ୨୩୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଶତ ପ୍ରତିଶତ କୃତକାର୍ଯ୍ୟ ହାସଲ କରିଛନ୍ତି । ୨୦୩ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ତଥା ଆଂଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ମହୋଦୟ ଛାତ୍ରଛାତ୍ରୀମାନଙ୍କର ଏହି ଉଲ୍ଲେଖନୀୟ ସଫଳତାରେ ସନ୍ତୋଷ ପ୍ରକାଶ କରି ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଓ ଅଭିନନ୍ଦନ ଜଣାଇଛନ୍ତି ।


## NOTICE (FOR MINOR)

By virtue of an affidavit sworn before Executive Magistrate, Balasore dated 16.04.2026 I, Sri Dhirendra Singh, Address At/Po- Badkhiripada, PS- Baisinga, Dist- Mayurbhanj, Odisha - 757028 declare that I have changed the name of my daughter from Phula Singh to Asha Singh. Henceforth, she shall be known as Asha Singh for all purposes.

Sd/-
Dhirendra Singh



No. 1001/12/2627

## ନିଲାମ ବିଜ୍ଞାପନ

[illegible] favour of Deputy Director of Horticulture, Balasore [illegible]

[illegible]

OIPR. 1001/1407/1/26-27/0001


# କାଜିବଜାର ମା ବାଶୁଳେଇଙ୍କ ବାର୍ଷିକ ଉତ୍ସବ



କଟକ(ନିପ୍ର) : କାଜିବଜାର ବେହେରା ସାହି ସ୍ଥିତ 'ମା'ସିଦ୍ଧେଶ୍ୱରୀ ବାଶୁଳେଇ'ଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଉତ୍ସବ ପ୍ରତି ବର୍ଷ ଭଳି ଏ ବର୍ଷ ମଧ ଆଡ଼ମ୍ବର ସହ ପାଳନ କରାଯାଇଥିଲା । ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଭକ୍ତ ବୃନ୍ଦ ଏହି ଉତ୍ସବରେ ଯୋଗ ଦେଇଥିଲେ । ଚଳିତ ବର୍ଷ ମଧ ମା'ଙ୍କ ଜୟନ୍ତୀ ଉପଲକ୍ଷେ ଭଜନ ସମାରୋହ ମଧ ଆୟୋଜନ କରାଯାଇଥିଲା । ମା' ସିଦ୍ଧେଶ୍ୱରୀ ବାଶୁଳେଇଙ୍କ ପାରମ୍ପରିକ ରୀତି ଅନୁସାରେ କଳସ ସ୍ଥାପନ, ହୋମ ଯଜ୍ଞ ପ୍ରଭୃତି କାର୍ଯ୍ୟ ସମ୍ପନ୍ନ କରିବା ସହିତ ପ୍ରାୟ ଦୁଇ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ଏହି ପୂଜା ଉତ୍ସବରେ ସଭାପତି ଇନ୍ଦ୍ରମଣି ବେହେରା, ଭାଗୀରଥ ବେହେରା, ବିଶ୍ୱନାଥ ସାହୁ, ଭାସ୍କର ସାହୁ, କାଳିଆ ବେହେରା, ଜଗନ୍ନାଥ ବେହେରା, ଯୁଧିଷ୍ଠିର ବେହେରା, ଯୋଗେନ୍ଦ୍ର ବେହେରା, ଗୁରୁଚରଣ ବେହେରା, ଜୟନ୍ତୀ ବେହେରା, ରମେଶ ବେହେରା, ଶିବୁ ବେହେରା, ନିରଞ୍ଜନ ବେହେରା, ଚନ୍ଦ୍ରମଣି ବେହେରା, ଦୀପକ ବେହେରା, ଶ୍ୟାମସୁନ୍ଦର ବେହେରା, ମହେଶ୍ୱର ବେହେରା, ଉମେଶ ବେହେରା, ମନୋରଞ୍ଜନ ବେହେରା, ରଘୁନାଥ ବେହେରା, ପ୍ରଶାନ୍ତ ବେହେରା, କାଳିଚରଣ ବେହେରା, ଅନୀଲ ବେହେରା, ବିଜୁ ବେହେରା, ସରୋଜ ବେହେରା, ଟୁକୁନା ବେହେରା, ବାଦଲ ବେହେରା, ଲାଲ ସିଂହ, ମୁନା ସିଂହ, ମନୋଜ ସେଠୀ, ଚଣ୍ଡୀ ରାଓ, ବିନୋଦ ବେହେରା, ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ମା'ଙ୍କ ବାର୍ଷିକ ଉତ୍ସବ ସାଫଲ୍ୟ ମଣ୍ଡିତ କରିଥିଲେ ।





ଜୀବନରେ ସାରବାନ ଜିନିଷ ଦୁଇଟି ହେଲା ଅର୍ଥ ଓ ସମୟ । ଏହାର ବ୍ୟବହାର ଜାଣି ନଥିବା ଲୋକ ଯଦି ଏହାକୁ ପାଏ ସେ ସବୁଠାରୁ ଦୁଃଖୀ

# ଆଜିକାଲି




ଚେତସା ସର୍ବକର୍ମାଣି, ମୟି ସନ୍ନ୍ୟସ୍ୟ ମତ୍ପରଃ
ବବୁଦ୍ଧିଯୋଗମୁପାଶ୍ରିତ୍ୟ, ମଚି□ଃ ସତତଂ ଭବ ।
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ମୁଁ ପରମ ପୁରୁଷ, ଏହି କଥା ମନେ କରି ତୋର ସମସ୍ତ କର୍ମ ମୋତେ ଅର୍ପଣ କରି ବିବେକ ବୁଦ୍ଧି ବଳରେ କର୍ମ କରି ମୋତେ ସର୍ବଦା ଧ୍ୟାନ କର ।

## ଜନନୀ ସୁରକ୍ଷା ନୈରାଶ୍ୟଜନକ

ଜାତିସଂଘର ସର୍ବଶେଷ ଆକଳନ ନେଇ ପ୍ରକାଶିତ ରିପୋର୍ଟରେ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କରିବାରେ ଅଗ୍ରଗତି ହାସଲ କରିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ହେଉଛି ଅନ୍ୟତମ । ରିପୋର୍ଟରେ କୁହାଯାଇଛି ଯେ, ଗତ ୨୪ବର୍ଷ ମଧ୍ୟରେ ଭାରତରେ ଶିଶୁ ମୃତ୍ୟୁହାର ୬୮ପ୍ରତିଶତ ହ୍ରାସ କରିବାରେ ସମର୍ଥ ହୋଇଥିବାବେଳେ ଦକ୍ଷିଣ ଏସିଆରେ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଉଲ୍ଲେଖ କରାଯାଇପାରେ ଯେ, ୨୦୦୦ ମସିହାରେ ପ୍ରତି ୧୦୦୦ ନବଜାତକ ମଧ୍ୟରେ ମୃତ୍ୟୁ ୯୨ଥିବାବେଳେ ୨୦୨୪ ମସିହାରେ ଏହା ୩୨କୁ ହ୍ରାସ ପାଇଛି । ସେହିପରି ବୈଶ୍ୱିକ ସ୍ତରରେ ୫ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁ ଏହି ଅବଧି ମଧ୍ୟରେ ଅର୍ଦ୍ଧେକ ତଥା ୫୩ପ୍ରତିଶତ ହ୍ରାସ ପାଇଥିବା ବେଳେ ଦକ୍ଷିଣ ଏସିଆରେ ପ୍ରାୟ ୨୫ପ୍ରତିଶତ ରହିଛି । ଭାରତର ସକରାତ୍ମକ ପଦକ୍ଷେପ ଏହି ଅଂଚଳରେ ଶିଶୁ ମୃତ୍ୟୁହାର ନିୟନ୍ତ୍ରଣ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା କୁହାଯାଏ । ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କରିବାରେ ଭାରତର ଅଭିଯାନ ସନ୍ତୋଷଜନକ ରହିଥିବାବେଳେ ମାତୃ ମୃତ୍ୟୁ ହାର ହ୍ରାସ କ୍ଷେତ୍ରରେ ସାମାନ୍ୟ ଆଶ୍ୱସ୍ତିକର ସନ୍ଦେଶ ପ୍ରଦାନ କରେ । ନିକଟରେ ଲାନସେଟ୍ ଓବଷ୍ଟେଟ୍ରିକସ୍, ଗାଇନୋଲୋଜି ଆଣ୍ଡ ଓମେନ ସ୍ୱାସ୍ଥ୍ୟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ବୈଶ୍ୱିକ ସ୍ତରରେ ପ୍ରତି ୧୦ଜଣରେ ଭାରତରେ ମାତୃ ମୃତ୍ୟୁ ଘଟିଥିବାବେଳେ ଭାରତରେ ଏହି ସଂଖ୍ୟା ୨୪,୭୦୦ଥିଲା । ୧୯୯୦ ମସିହାରେ ପ୍ରତି ୧,୦୦,୦୦୦ରେ ପ୍ରସୂତି ମାତୃ ମୃତ୍ୟୁ ହାର ୫୦୮ ଥିବା ବେଳେ ୨୦୨୩ ମସିହା ବେଳକୁ ତାହା ୧୧୬କୁ ହ୍ରାସ ପାଇଛି । ଅର୍ଥାତ ଏକ ପଂଚମାଂଶରୁ ହ୍ରାସ ପାଇଛି । ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ୨୦୧୫ ମସିହା ଠାରୁ ମାତୃ ମୃତ୍ୟୁହାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଶିଥିଳତା ଲାଗି ରହିଛି । ଚଳିତ ଶତାବ୍ଦୀରେ ପ୍ରଥମ ଦେଢ ଦଶନ୍ଧି ଅର୍ଥାତ ୨୦୧୫ ମସିହା ପର୍ଯ୍ୟନ୍ତ ମାତୃ ମୃତ୍ୟୁ ହାର ନିୟନ୍ତ୍ରଣ ସଫଳତା ଅତ୍ୟନ୍ତ ତୀବ୍ର ଥିଲା । ବିଶେଷକରି ସରକାରୀ ହସ୍ତକ୍ଷେପ, ବ୍ୟାପକ ସଚେତନତା ଅଭିଯାନ ଏବଂ ହସ୍ପିଟାଲଗୁଡ଼ିକରେ ପ୍ରସବ ସଂଖ୍ୟା ବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇଥିଲା । କହିବା ବାହୁଲ୍ୟ ଯେ, ଆସନ୍ତା ୨୦୩୦ ସୁଦ୍ଧା ମାତୃ ମୃତ୍ୟୁ ହାର ପ୍ରତି ୧,୦୦,୦୦୦ ଜନ୍ମରେ ୭୦କୁ ହ୍ରାସ କରିବା ପାଇଁ ଲକ୍ଷ ଧାର୍ଯ୍ୟ ହୋଇଛି, ଯାହାକି ଏବେ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଛି । ପ୍ରଚୁର ରକ୍ତସ୍ରାବ, ସଂକ୍ରମଣ, ରକ୍ତ ଚାପ ଏବଂ ଅନ୍ୟ ସମସ୍ୟା ଯୋଗୁଁ ଦେଶରେ ଗର୍ଭବତୀଙ୍କ ମୃତ୍ୟୁ ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ, ମହାମାରି କୋରୋନା ଭାରତର ମାତୃ ମୃତ୍ୟୁ ହାର ଅଗ୍ରଗତିରେ ପ୍ରତିବନ୍ଧକ ଭାବେ ଉଭା ହୋଇଥିଲା କୋରୋନା ଆତଙ୍କରେ ପ୍ରସୂତି ହସ୍ପିଟାଲ ନଯିବା, ଡାକ୍ତରମାନେ ପ୍ରସବ ପାଇଁ ଆଗ୍ରହ ପ୍ରକାଶ ନକରିବା, ବିଶେଷ କରି ଗର୍ଭବତୀଙ୍କ ଚିକିତ୍ସକ ପରୀକ୍ଷା ନୀରିକ୍ଷା ନକରିବା ଆଦି କାରଣରୁ ମାତୃମୃତ୍ୟୁ ହାର ବୃଦ୍ଧି ପାଇଥିଲା । ଏହି ସମସ୍ୟାର ମୁକାବିଲା ଲାଗି ପ୍ରସୂତି କକ୍ଷ୍ୟରେ ଗୁଣାତ୍ମକ ସେବା ଲକ୍ଷ୍ୟ କରି ଯୋଜନ ସରକାର ଶୁଭାରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଅନଲାଇନ ପୋର୍ଟାଲ ଉପରେ ଗୁରୁତ୍ୱ ଏବଂ ଗର୍ଭବତୀଙ୍କ ଠାବ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତଥାପି ଏହାର କାର୍ଯ୍ୟକାରିତାରେ ଅନିୟମିତତା ରହିଥିବା କୁହାଯାଇଛି । ସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ ହୋଇଥିବାରୁ ସରକାରୀ କାର୍ଯ୍ୟକ୍ରମର ସଫଳତା ସ୍ଥାନୀୟ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରେ । ଗୁଜରାଟ, ମହାରାଷ୍ଟ୍ର ଓ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଜାତିସଂଘ ଦ୍ୱାରା ଘୋଷିତ ସଷ୍ଟେନବୁଲ ଡେଭଲପମେଂଟ ଗୋଲ (ଏସଡିଜି) ଲକ୍ଷ୍ୟ ହାସଲ ପାଇଁ ଟ୍ରାକରେ ଥିବାବେଳେ ଉତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଓଡ଼ିଶା, ରାଜସ୍ଥାନ, ଛତିଶଗଡ, ଝାଡଖଣ୍ଡ, ଆସାମ ଆଦି ରାଜ୍ୟରେ ସ୍ୱାସ୍ଥ୍ୟ ଯନ୍ତ୍ର କ୍ଷେତ୍ରରେ ବହୁ ଶୂନ୍ୟସ୍ଥାନ ଥିବା ସରକାରୀ ଓ ଲାନ୍‌ସେଟ ରିପୋର୍ଟରେ କୁହାଯାଇଛି । ଗୋଟିଏ ପକ୍ଷରେ ଭାରତ ସଫଳତାର ସହ ଅଧିକ ନବଜାତକ ଶିଶୁଙ୍କ ଜୀବନ ବଂଚାଇବାରେ ସଫଳ ହୋଇଥିବାବେଳେ ଅନ୍ୟପଟେ ମାତୃ ମୃତ୍ୟୁ ରୋକିବାରେ ବିଫଳ ହୋଇଛି । ଶିଶୁ ଓ ମାତୃ ମୃତ୍ୟୁ ହାର ମଧ୍ୟରେ ପାର୍ଥକ୍ୟ ଏବେ ପ୍ରଭେଦ ଦୃଷ୍ଟି ଆକର୍ଷଣ କରେ । ଯେଉଁ ଶିଶୁମାନେ ମାତୃହରା ହେଉଛନ୍ତି, ସେମାନେ ଅପପୁଷ୍ଟି ଓ ଆବଶ୍ୟକୀୟ ସେବା ଯତ୍ନ ଅଭାବର ଶିକାର ହେବା ସ୍ୱାଭାବିକ । ଏହାର ମୁକାବିଲା ପାଇଁ ପ୍ରସୂତି ବା ଗର୍ଭବତୀଙ୍କ ସେବା, ନବଜାତକ ପ୍ରସବ ସମ୍ବନ୍ଧୀୟ ଏବଂ ପ୍ରସବ ପରବର୍ତୀ ସେବା ଯତ୍ନକୁ ଯୁଦ୍ଧକାଳୀନ ଭିତିରେ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ।

# ରକ୍ତଜନିତ ରୋଗ ହେମୋଫିଲିଆ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ହେମୋଫିଲିଆ ହେଉଛି ଏକ ରକ୍ତଜନିତ ରୋଗ । ଗ୍ରୀକ୍ ଶବ୍ଦ ହାମିଆ ଓ ଫିଲିଆକୁ ନେଇ ଗଠିତ ହୋଇଛି ହେମୋଫିଲିଆ । ହେମିଆ ଅର୍ଥ ବ୍ଲଡ଼ ବା ରକ୍ତ ଏବଂ ଫିଲିଆ ଅର୍ଥ ଫ୍ରେଣ୍ଡ ବା ବନ୍ଧୁ । ଏହି ରୋଗ ହେଲେ ରକ୍ତ ସହଜରେ ଜମାଟ ବାନ୍ଧିନଥାଏ । କାରଣ ହେମୋଫିଲିଆରେ ଜଣେ ଆକ୍ରାନ୍ତ ହେଲେ ରକ୍ତ ଜମାଟ ବାନ୍ଧିବା ପାଇଁ ଆବଶ୍ୟକ ହେଉଥିବା ପ୍ରୋଟିନ୍ କ୍ଷରଣ ବାଧାପ୍ରାପ୍ତ ହୋଇଥାଏ । କେତେକ କ୍ଷେତ୍ରରେ ଦେଖାଯାଏ ଏପରିକି ନବଜାତକ ପିଲାଟି ଜନ୍ମ ହେବା ବେଳେ ନାହିରୁ ରକ୍ତ କ୍ରମାଗତ ବାହାରି ଥାଏ । ଏହା ହେମୋଫିଲିଆର ପ୍ରଧାନ ଲକ୍ଷଣ । ଏ କ୍ଷେତ୍ରରେ ଜଣଙ୍କର ରକ୍ତ ପରୀକ୍ଷାରୁ ସବିଶେଷ ଜଣାପଡ଼ିବା ପରେ ଫ୍ୟାକ୍ଟର-୮ ବା ଫ୍ୟାକ୍ଟର-୯ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଏ । ଅନେକ ମୁର୍ମୁଷୁ ରୋଗୀ ମାନଙ୍କୁ ରକ୍ତ ଦେବାକୁ ପଡ଼ିଥାଏ । ବେଳେ ବେଳେ କୌଣସି ସ୍ଥାନରେ ଆଘାତ ହେଲେ ସେହି ସ୍ଥାନର ଭିତର ଭାଗରେ ରକ୍ତ କ୍ଷରଣ ହୋଇଥାଏ କିନ୍ତୁ ହେମୋଫିଲିଆ ହୋଇଥିଲେ ଏହି ରକ୍ତ ଜମାଟ ବାନ୍ଧିନଥାଏ । ସାଧାରଣତଃ ହିମୋଫିଲିଆକୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା ହେମୋଫିଲିଆ-ଏ, ହେମୋଫିଲିଆ-ବି ଓ ସି । ବର୍ତମାନ ଦେଖା ଯାଉଥିବା ହେମୋଫିଲିଆ ରୋଗୀଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ଟାଇପ୍-ଏ ବର୍ଗର । ରକ୍ତରେ ‘ଥ୍ରୋମ୍ବୋପ୍ଲାଷ୍ଟିନ୍’ ନାମକ ଉପାଦନ କମ୍ ହେଲେ




ହିମୋଫିଲିଆ ବା ରକ୍ତସ୍ରାବ ନାମକ ରୋଗ ହୋଇଥାଏ । ଏହା ଏକ ଆନୁବଂଶିକ ରୋଗ । ଏହି ରୋଗର ଶିକାର ହେଉଥିବା ରୋଗୀ ଶରୀରର ବାହ୍ୟ ଅଂଶରେ ରକ୍ତ ବାହାରିଲେ ତାହା ସହଜରେ ଜମାଟ ବାନ୍ଧି ନଥାଏ । ଫଳରେ ରୋଗୀ ଶରୀରରେ ଥରେ କ୍ଷତ କିମ୍ବା ଚୋଟ ସୃଷ୍ଟି ହେଲେ ରକ୍ତସ୍ରାବ କମିନଥାଏ । ଏହାଦ୍ୱାରା ରୋଗୀ ରକ୍ତ ହରାଇ ଦୁର୍ବଳ ହୋଇ ପଡ଼ିଥାଏ । ଶରୀରରେ ନୀଳ ଦାଗ ଦେଖାଦେବା, ନାକ ଓ ଆଖିରୁ ରକ୍ତ ବାହାରିବା ଏହି ରୋଗର ଲକ୍ଷଣ । ଅନେକ ହୁଏତ ଜାଣି ନାହାଁନ୍ତି ହେମୋଫିଲିଆ ଏକ ମାରାତ୍ମକ ରୋଗ । ଚିକିତ୍ସା ବିଜ୍ଞାନରେ ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହି ରକ୍ତଜନିତ ରୋଗରେ ଜଣେ ପୀଡ଼ିତ ହୋଇ ସଠିକ୍ ଚିକିତ୍ସାରୁ ବଂଚିତ ହୋଇଥାନ୍ତି । ଆଉ ଏହା ପାଇଁ ଦାୟୀ ହେଉଛି ସଚେତନତା । ହେମୋଫିଲିଆ ପରି ରୋଗରୁ ଉପଶମ ପାଇବା ଲାଗି ଏହାର ଠିକ୍ ଉପାୟରେ ଚିକିତ୍ସା କରାଯିବା ଦରକାର । ୱାର୍ଲଡ଼ ଫେଡ଼େରେସନ ଅଫ ହେମୋଫିଲିଆ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ୧୯୮୯ରେ ପ୍ରଥମ ଥର ପାଇଁ

### ହିମୋଫିଲିଆ ଦିବସ




ଏହି ଦିବସ ପାଳନ କରା ଯାଇଥିଲା । ସେହିଦିନ ଠାରୁ ପ୍ରତିବର୍ଷ ଅପ୍ରେଲ ସତରରେ ବିଶ୍ୱ ହେମୋଫିଲିଆ ଦିବସ ପାଳିତ ହୋଇଆସୁଅଛି । କିନ୍ତୁ ଏପରି ଦିନରେ ଉକ୍ତ ଦିବସ ପାଳିତ ହେବାପଛରେ ଏହାର ତାତ୍ପର୍ଯ୍ୟତା ରହିଛି । ଅପ୍ରେଲ ସତର ହେଉଛି ୱାର୍ଲଡ଼ ଫେଡ଼େରସନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍କାବେଲଙ୍କ ଜନ୍ମଦିନ । ସମଗ୍ର ବିଶ୍ୱରେ ବିଶେଷକରି ପିଲାମାନଙ୍କ ଠାରେ ଏପରି ରୋଗର ଭୟବହତାକୁ ପ୍ରତିହତ କରିବା ପାଇଁ ଉଦ୍ୟମ କରିଥିଲେ ଫ୍ରାଙ୍କ୍ ସ୍କାବେଲ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରକାଶିତ ରିପୋର୍ଟ ଅନୁଯାୟୀ ପାଖାପାଖି ୮୦ ପ୍ରତିଶତ ହେମୋଫିଲିଆରୁ ରୋଗୀ ସଠିକ୍ ଓ ଉପଯୁକ୍ତ ଚିକିତ୍ସା ପାଇପାରି ନଥାନ୍ତି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଜନସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ରୋଗରେ ପ୍ରାୟ ପୁରୁଷମାନେ ଆକ୍ରାନ୍ତ ହେବାର ଦେଖିବାକୁ ମିଳିଥାଏ । ଏହାକୁ ଏକ ବଂଶଗତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ସାଧାରଣତଃ ଦେଖିବାକୁଗଲେ ମହିଳାଙ୍କ ଠାରେ ଏହି ରୋଗ ପ୍ରାୟ ହୁଏନାହିଁ । ଯଦି କୌଣସି ମହିଳାଙ୍କ ପରିବାରରେ କିମ୍ବା ତାଙ୍କ ମାମୁ ଘରେ କାହାକୁ ଏହି ରୋଗ ହୋଇଥାଏ ତେବେ ତାଙ୍କୁ ହେବାର ଆଶଙ୍କା ରହିଛି । ହିମୋଫିଲିଆ ହେବା ଦ୍ୱାରା କୌଣସି ସ୍ଥାନରେ ଯଦି ଖଣ୍ଡିଆ ହୋଇଯାଏ ତେବେ ସେଠାରୁ ଅନବରତ ରକ୍ତସ୍ରାବ ହୋଇଥାଏ ସମ୍ପୃକ୍ତ ବ୍ୟକ୍ତି ଯଦି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି ତେବେ ତାଙ୍କ ରକ୍ତ ଜମାଟ ବାନ୍ଧେ ନାହିଁ । ସଂପ୍ରତି ସମାଜରେ ଏହାର ଭୟାବହତା ଦେଖା ଦେଇ ଥିବା ବେଳେ ଜନ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷିତ ବ୍ୟକ୍ତିମାନେ ଏ ବିଷୟରେ ଅଳ୍ପ ବହୁତ ଜାଣିଥିବାବେଳେ ଅନେକ ଏହାର କାରଣ ଓ ସଚେତନତା ସମ୍ପର୍କରେ ଜାଣିନଥାନ୍ତି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସଂପ୍ରତି ଏହାର ଦୃଢ଼ ମୁକାବିଲା ପାଇଁ ସଚେତନତା ସହ ରାଜ୍ୟର ବଡ଼ଡାକ୍ତରଖାନା, ଜିଲ୍ଲା ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ଓ ମାଗଣା ଔଷଧ ପ୍ରଦାନର ପର୍ଯ୍ୟାପ୍ତ ବ୍ୟବସ୍ଥା ରଖିଛନ୍ତି । ଏ ରୋଗର ଶିକାର ହୋଇଥିବା ଜଣେ ରୋଗୀ ଏ ନେଇ କୌଣସି ଭୟଭୀତ ହେବାର କାରଣ ନାହିଁ । ପ୍ରଥମରୁ ହିଁ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା ପରବର୍ତୀ ସମୟରେ ରୋଗଟି ଆୟତାଧୀନ ହୋଇ ପାରିବ । ଓଡ଼ିଶା ହେଉଛି ସମଗ୍ର ଭାରତ ବର୍ଷ ଭିତରେ ପ୍ରଥମ ରାଜ୍ୟ ଯେଉଁ ଠାରେ କି ହେମୋଫିଲିଆ ରୋଗର ହୋମ ଟ୍ରିଟ୍‌ମେ□କୁ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଓଡ଼ିଶା ମଡ଼େଲକୁ ସର୍ବଭାରତୀୟ ସ୍ତରରେ ଉପସ୍ଥାପନ କରିବା ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ରକ୍ତ ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ରାଜୀବ ନାୟକ ଆସନ୍ତା ସତର ତାରିଖରେ ନୂଆ ଦିଲ୍ଲୀ ଠାରେ ଏକ ସର୍ବଭାରତୀୟ ସମ୍ମିଳନୀରେ ଉପସ୍ଥାପନ କରିବେ । ଚିକିତ୍ସା ବେଳେ ରୋଗୀଟିକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ସଫାସୁତୁରା ପରିବେଶରେ ରହିବା ପାଇଁ ପରାମର୍ଶ ଦିଅନ୍ତୁ । ଠିକ୍ ସମୟରେ ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ଖାଇବା ସହ ବିଶ୍ରାମ ନେଲେ ହେମୋଫିଲିଆକୁ ନେଇ ଆଉ କୌଣସି ଡର ରହିବ ନାହିଁ ।

*ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ*
*କଲେଜ, କଟକ,*

**‘ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ.....’**

# କବିବର ରାଧାନାଥ

◆ ବାଦଲ ଭୂୟାଁ

ଉନ୍ନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ହୋଇ ଯେଉଁ ଓଡ଼ିଆ ଲେଖକମାନେ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି କରିବା ପାଇଁ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ କବିବର ରାଧାନାଥ ରାୟ ଅଗ୍ରଗଣ୍ୟ । କେହି କେହି ତାଙ୍କୁ ରୀତି ଯୁଗର ଶେଷ ସେନାପତି କହିଥାଆନ୍ତି । ତେବେ, ଏହା ମଧ୍ୟ ସମସ୍ତେ ସ୍ୱୀକାର କରନ୍ତି ଯେ, ସେ ପ୍ରାଚୀନ କାବ୍ୟ ସାହିତ୍ୟ ପରମ୍ପରାକୁ ବିଦାୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନବ ସାହିତ୍ୟର ନେତୃତ୍ୱ ନେଇ ଥିଲେ, ପାଲଟି ଥିଲେ ପରବର୍ତୀ କବି/କବଶ ମାନଙ୍କର ପ୍ରେରଣାର ଉତ୍ସ । ତେଣୁ, ଯୁଗପ୍ରବର୍ତକ ରାଧାନାଥଙ୍କୁ କବିବର କୁହାଯାଏ । ସେ ପ୍ରଥମେ ବାଙ୍ଗଲା ଭାଷାରେ କବିତା ଲେଖୁଥିଲେ । ତାଙ୍କ ସମୟରେ କେବଳ ଫକୀରମୋହନ ସେନାପତି ହିଁ ଓଡ଼ିଆରେ ଲେଖା ଲେଖି କରୁଥିଲେ । ଏହା ଓଡ଼ିଶା ତଥା ଓଡ଼ିଆଙ୍କ ଶୁଭଚିନ୍ତକ ବ୍ରିଟିସ ପ୍ରଶାସକ ଜନ୍ ବିମସ୍‌ଙ୍କ ଦୃଷ୍ଟିକୁ ଆସୁଥାଏ । ସେ ଦିନେ ଚିନ୍ତିତ ହୋଇ ରାଧାନାଥଙ୍କୁ ମନର ବେଦନା ଜଣାଇଲେ । ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି ନିମନ୍ତେ ଉପଦେଶ ଦେଲେ । ଆଉ ରାଧାନାଥ ତାଙ୍କ କଥା ରଖିବାରୁ ଆମ ସାହିତ୍ୟରେ ଏକ ନବ ଯୁଗ ଆରମ୍ଭ ହେଲା ଏବଂ ଆମ୍ଭେ ପାଇଲେ, କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶରୀ, ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା, ଭଳି ମହାକାବ୍ୟ । ତାଙ୍କର ପ୍ରଥମ ଗଦ୍ୟ ବିବେକୀ ୧୮୭୩ରେ ଉତ୍କଳ ଦର୍ପଣରେ ପ୍ରକାଶିତ ହୋଇଥିଲା । ଏହା ମଧ୍ୟ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ରଚନା । ୧୮୮୫ରେ ରଚିତ କେଦାର ଗୌରୀ ତାଙ୍କର ପ୍ରଥମ କାବ୍ୟ । ଉଲ୍ଲେଖଯୋଗ୍ୟ ଯେ, ପ୍ରସିଦ୍ଧ ବାଙ୍ଗଲା କବି ଭୂଦେବ ମୁଖୋପାଧ୍ୟାୟ ଙ୍କ ପରାମର୍ଶ କ୍ରମେ ରାଧାନାଥ ଗଦ୍ୟ



ରଚନାକୁ ଗୁରୁତ୍ୱ ନ ଦେଇ କାବ୍ୟ ରଚନାକୁ ଗୁରୁତ୍ୱ ନ ଦେଇ କାବ୍ୟ ସୃଷ୍ଟିରେ ମନ ଦେଇ ଥିଲେ । ଦରବାର ତାଙ୍କ ଦ୍ୱାରା ରଚିତ ଏକ ବ୍ୟଙ୍ଗାତ୍ମକ କାବ୍ୟ । ସାମସମୟିକ ରାଜା, ଜମିଦାର, ଧନିକଙ୍କୁ ଉପହାସ କରିବା ପାଇଁ ସେ ଏହା ରଚନା କରିଥିଲେ । ତାଙ୍କ ଭିଣୋଇ ଗୋବିନ୍ଦବଲ୍ଲଭ ରାୟ ଥିଲେ କାଉପୁର ଜମିଦାର । ଏହାଙ୍କୁ ବାରବାଟୀ ଦୁର୍ଗ ପରିସରରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ରାୟବାହାଦୁର ଉପାଧି ପ୍ରଦାନ କରାଯାଇଥିଲା । ରାଧାନାଥ ତାଙ୍କୁ ପରିହାସ କରିବା ପାଇଁ ଦରବାର ରଚନା କରିଥିବା କେତେକ ଗବେଷକ ମତ ଦିଅନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ପ୍ରଦତ ତଥ୍ୟ ଅନୁଯାୟୀ ୧୯୦୫ ଅପ୍ରିଲ ୧୭ ତାରିଖରେ ତାଙ୍କର ପରଲୋକ ହୋଇଥିଲା । ରାଧାନାଥଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ କାଳଜୟୀ । ଚିଲିକା କାବ୍ୟରେ ଅସ୍ତାୟମାନ ସୂର୍ଯ୍ୟ ଓ ଉଦୀୟମାନ ଚନ୍ଦ୍ରର ଯେଉଁ ପ୍ରାଣସ୍ପର୍ଶୀ ବର୍ଣ୍ଣନା ସେ ପ୍ରଦାନ କରିଛନ୍ତି ତାହାକୁ ଲକ୍ଷ୍ୟ କରି ପାଠକ ଚମକୃତ ହୁଏ । ‘ଏଣେ କରେ ବୋଲି ଅମର-ସରଣୀ, ବିରାଜନ୍ତି ଚନ୍ଦ୍ରଚୂଡ଼-ଚୂଡ଼ାମଣି, ତାରାଟିଏ ରାଜି ତରାପତି ପାଶେ, ବେନିଏ କରନ୍ତି ରାଜ୍ୟ ଅର୍ଦ୍ଧାକାଶେ, ବାଳ-ଜ୍ୟୋସ୍ନା-ଯୋଗେ ଧୌତ ପୌରନ୍ଦରୀ, ହିମରାଜ ମୁଖେ ବୋଳି ହେଲା ପରି, ଯେଝା ରୂପ-ଶୋଭା ବିପରୀତେ ବସି, ଦେଖାନ୍ତି ଗରବେ ପ୍ରାଚୀ ପ୍ରାଚେତସୀ, ଚନ୍ଦ୍ରାଲୋକେ ଧୌତ ପୂର୍ବାକାଶ, ପୁନଃ, ବାରୁଣୀ ଆକାଶ କୁଙ୍କୁମେ ଅରୁଣ, ପ୍ରାୟେ ଦିଶେ ଚିତ୍ର ବ୍ୟୋମର ମୂରତି, ଦିଗ୍‌ବଳୟ ବ୍ୟାପି ନୀଳ ଜଳାରଣ୍ୟେ, ରଞ୍ଜିଲା ଚନ୍ଦ୍ରିକା ନିଜ ଶୁଭ୍ର ବର୍ଣ୍ଣେ ।’ କବି କଳ୍ପନାପ୍ରବଣ ହୋଇ ମାନସ ରାଜ୍ୟରେ ବିଚରଣ କଲେ ମଧ୍ୟ ସେ ସ୍ୱଭାବତଃ ସମସାମୟିକ ପାଠକ ମାନଙ୍କର ପ୍ରଶଂସା ଓ କଟୁ ମନ୍ତବ୍ୟପ୍ରତି ସମ୍ପୂର୍ଣ୍ଣଭାବରେ ଅବଚେତନ ରହିପାରେ ନାହିଁ । ପାର୍ବତୀ କାବ୍ୟରେ ପାଶ୍ଚାତ୍ୟ ଚିନ୍ତାଧାରାର ଇନ୍ଦ୍ରିୟ ପ୍ରବଣତା ଓ ବିକୃତି ପ୍ରକାଶିତ ହେବାଫଳରେ ପାଠକମାନଙ୍କର ତାହା କଟୁ ମନ୍ତବ୍ୟର ଶିକାର ହୋଇଥିଲା । ଫଳତଃ ରାଧାନାଥ ପାର୍ବତୀ କାବ୍ୟକୁ ସମ୍ପୂର୍ଣ୍ଣ କରିପାରି ନଥିଲେ । ମାତ୍ର ଏହା ସୁନିଶ୍ଚିତ ଯେ କବିଙ୍କର ଅନନ୍ୟ ସାଧାରଣ ପ୍ରତିଭା ଏବେ ବି ବହୁ କଣ୍ଠରେ ଗୀତ ହୁଏ । ସେହି ପାର୍ବତୀ କାବ୍ୟ ସାର୍ବଜନୀନ ସତ୍ୟ ସମ୍ପର୍କରେ ସ୍ୱର ଉତୋଳନ କରିଥିବା ଗୋଟିଏ ପଦ ବହୁ କଣ୍ଠରେ ଉଚ୍ଚାରିତ ହୁଏ । ‘କେହି ରହି ନାହିଁ ରହିବ ନାହିଁଟି, ଭବ-ରଙ୍ଗ-ଭୂମି-ତଳେ, ସର୍ବେ ନିଜ ନିଜ ଅଭିନୟ ସାରି, ବାହୁଡ଼ିବେ କାଳବଳେ ।’

*ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’,*
*୪ଜି ପ୍ରତାପ ଆପାର୍ଟମେଂଟ, ୭*
*ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର :*
*୭୪୮୮୯୯୮୫୩୨*

# ପରିବେଶ ସଫା ରଖିବା ସୁସ୍ଥରେ ବଂଚିବା

◆ ବିଜୟ କୁମାର ପୃଷ୍ଟି

ସଂପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହିପାରିବା । ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ । ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି ? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି । ତାହେଲେ ରୋଗ କିପରି ଆକ୍ରମଣ କରୁଛି ? ସେଥିପାଇଁ ଦାୟୀ କିଏ ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ । ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି । ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ୍ୟ ସଂକଟମୟ । ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି । ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ । ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ ।ଆମ ଚାରି ପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ । ନିଜ




ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତବ୍ୟ । ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ । ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର । ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ । ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ । ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି ? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ । ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ । ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ । ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ୍ୟ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ । ଏସବୁ ପ୍ରଦୂଷଣ କିଏ କରୁଛି ? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି । କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ’ଣ ପାପ ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ’ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ । ଖୋଦ ଆମ ଘର କଥା ଦେଖାଯାଉ । ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ । ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ । ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି । ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ । ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ । ଆଗେ ଛାତ୍ରଛାତ୍ରୀମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ୍ୟ ସଫା କରୁଥିଲେ । ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା । ବର୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ । ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି ? କଥାରେ ଅଛି - ଗାଁ ପରିମଳ ଧୋବା ତୁଠରୁ ଜଣାପଡ଼େ । ଅର୍ଥାତ୍ ଗାଁର ପରିବେଶ ପ୍ରଥମରୁ ଗାଁ ପୋଖରୀରୁ ହିଁ ଜଣାପଡ଼େ । ସେଇ ପୋଖରୀ ପାଣିରେ ଗାଈଗୋରୁ ଗାଧାନ୍ତି, ଧୋବା ଲୁଗାକାଚେ, ଲୋକମାନେ ଝାଡ଼ା ଫେରି ଶୌଚ ହୁଅନ୍ତି ଏବଂ ସେଇ ପୋଖରୀରେ ଲୋକମାନେ ଗାଧୋଇ ଥାନ୍ତି ଏବଂ ପାଣି ନେଇ ଘରେ ବ୍ୟବହାର କରନ୍ତି । ବର୍ଷ ବର୍ଷ ଧରି କୂଅ ମଇଳା ହୋଇଥିଲେ ମଧ୍ୟ ସେ ପାଣି ମଧ୍ୟ ବ୍ୟବହାର କରନ୍ତି । ଗାଁ ଗଣ୍ଡାର ଘରବାଡ଼ିରେ ଭଙ୍ଗାରୁଜା ପଦାର୍ଥରେ ପାଣି ଜମି ବର୍ଷାଦିନେ ମଶା ମାନଙ୍କର ସୃଷ୍ଟି ହୁଏ ଫଳରେ ମ୍ୟାଲେରିଆ ରୋଗ ବଢ଼ିଚାଲେ । ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ନିର୍ଭର କରେ ଆମର ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ । ଆମେ ଖାଦ୍ୟ ପ୍ରତି କେତେ ସଚେତନ କେତେ ନିୟନ୍ତ୍ରଣ ତାହା ସ୍ପଷ୍ଟ ବାରି ହୋଇଯାଏ । ଆଜିକାଲିର ଆଧୁନିକ ରାସ୍ତାଘାଟରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ଼, ଦହିବରା, ଗୁପଚୁପ ଏବଂ ବରାପିଆଜି ଦୋକାନ ପସରାରୁ ସେଗୁଡ଼ିକ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଅଥଚ ଆମର ପ୍ରିୟ ଖାଦ୍ୟ । କୁହାଯାଏ ରୋଗ ପାଟିରୁ ଆରମ୍ଭ ହୋଇ ମଳତ୍ୟାଗରେ ଶେଷ ହୁଏ । ତେଣୁ ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ ପରିବେଶ, ବିଭିନ୍ନ ମାର୍ଗରେ ପ୍ରଦୂଷିତ ହେଉଛି । ଆଜିକାଲି ଗାଡ଼ି ମଟରର ବିକଟ ଶବ୍ଦ ଦ୍ୱାରା ଏବଂ ଚଢ଼ାଗଳାରେ ମାଇକର ଗୀତା ବାଜା କାନ ଉପରେ ବହୁତ କୁ ପ୍ରଭାବ ପକାଇଥାଏ । ଗାଡ଼ି ମଟର ଏତେ ମାତ୍ରାରେ ବୃଦ୍ଧି ପାଇଲାଣି ଫଳରେ ବାୟୁମଣ୍ଡଳ ଏହାର କାର୍ବନ ଡାଇଅକ୍ସାଇଡ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ହେଉଛି । ହୁଏତ ସମୟ ଆସିବ, ଆମକୁ ଏକ ଅକ୍ସିଜେନ ପାରଲରରୁ ଅମ୍ଳଯାନ ନେଇ ଜୀବନ ବଂଚାଇବାକୁ ପଡ଼ିବ । ତେଣୁ ଅଧିକ ମାତ୍ରାରେ ବୃକ୍ଷରୋପଣ ହେଉଛି ଏକମାତ୍ର ପନ୍ଥା । ଆଜିକାଲି ସମସ୍ତଙ୍କର ଦରକାର ମୋବାଇଲ ଫୋନ । ଏହାର ଉପଯୁକ୍ତ ବ୍ୟବହାର ନକଲେ ହୁଏତ ଜୀବନ ଦୀପ ଯେତେବେଳେ ଲିଭିଯିବ ତାହା କେହି କହିପାରିବେନି । ବିଭିନ୍ନ ମାରାତ୍ମକ ରାସାୟନିକ ରଙ୍ଗରେ ଭରପୁର ମୂର୍ତିକୁ ନଦୀ ଜଳରେ ଭସାଇ କେତେ ଜଳ ପ୍ରଦୂଷଣ ହେଉଛି ତାହା ସମସ୍ତଙ୍କୁ ଜଣା । ସ୍ୱାସ୍ଥ୍ୟ ହାନିର ଏହା ଏକ ଜ୍ୱଳନ୍ତ ଉଦାହରଣ । ସବୁଠୁ ଦୁଃଖର କଥା ଆମେ ଏତେ ପ୍ରଦୂଷଣ କରି ମଧ୍ୟ ଆମ ପ୍ରଶାସନର ସ୍ଥାଣୁତା ଆମକୁ ଅଧିକ ପ୍ରୋତ୍ସାହିତ କରୁଛି । ଏହାର ପ୍ରତିକାର ନ ହେଲେ ହୁଏତ ଏ ମଣିଷ ସମାଜ ଖୁବ ଶୀଘ୍ର ଧ୍ୱଂସ ପାଇଯିବ ।

*ସମ୍ପାଦକ, ନିରାମୟ, କଟକ : ୯୮୬୧୪୬୪୯୩୨*

# ଭାରତର ଫାର୍ମା ସେକ୍ଟର: ନବାଚାର ଏବଂ ଯୁବବର୍ଗଙ୍କ ପାଇଁ ନୂଆ ଦିଗନ୍ତ

ଭାରତ ଆଜି ବିଶ୍ୱର 'ଫାର୍ମାସି' ହବ ଭାବରେ ନିଜର ପରିଚୟକୁ ସୁଦୃଢ଼ କରିପାରିଛି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ସଂକଳ୍ପ ଅନୁଯାୟୀ, ବର୍ତ୍ତମାନ ଆମେ କେବଳ ଜେନେରିକ୍ ଔଷଧ ପ୍ରସ୍ତୁତକାରୀ ଦେଶରୁ ଆଗକୁ ବଢ଼ି ଏକ 'ନବୋନ୍ମେଷ-ଆଧାରିତ' ବିଶ୍ୱ ଶକ୍ତି ହେବା ଦିଗରେ ଅଗ୍ରସର ହେଉଛୁ। ଆମ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଏପରି ନୀତି ପ୍ରଣୟନ କରିବା, ଯାହାଦ୍ୱାରା ଦେଶର ପ୍ରତ୍ୟେକ ନାଗରିକଙ୍କୁ ସ୍ୱଳ୍ପ ମୂଲ୍ୟରେ ଗୁଣବତାପୂର୍ଣ୍ଣ ଔଷଧ ମିଳିପାରିବ। ଏଥିସହିତ, ସରକାର ନିରନ୍ତର ଗବେଷଣା ଓ ବିକାଶକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଭାରତୀୟ ଫାର୍ମା ଶିଳ୍ପକୁ ବିଶ୍ୱ ସ୍ତରରେ ଅଧିକ ପ୍ରତିଯୋଗୀ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଭାରତ ବର୍ତ୍ତମାନ ସୁଦ୍ଧା ହାସଲ କରିଥିବା ସଫଳତା ଏହାର ଉତ୍ପାଦନ କ୍ଷମତା, ମୂଲ୍ୟ ଦକ୍ଷତା ଏବଂ ଗୁଣବତା ମାନକ ଉପରେ ହିଁ ଆଧାରିତ ରହିଛି। ବିଶ୍ୱର ହାରାହାରି ୨୦ ପ୍ରତିଶତ ଜେନେରିକ ଔଷଧ ଏବଂ ୬୦ ପ୍ରତିଶତ ପ୍ରତିଷେଧକ ଟୀକା ବିଦେଶକୁ ରପ୍ତାନୀ କରାଯାଇଥାଏ ଯାହା ଫଳରେ ବୈଶ୍ୱିକ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଭାରତ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଏଭଳି ସଫଳତାକୁ ଦୃଷ୍ଟିରେ ରଖି ଭାରତ ସରକାର ଆଗାମୀ ୮ରୁ ୧୦ ବର୍ଷ ମଧ୍ୟରେ ଦେଶକୁ ଉଚ୍ଚ ମୂଲ୍ୟଯୁକ୍ତ, ନବାଚାର ଆଧାରିତ ବାୟୋଫାର୍ମା ଏବଂ ଉନ୍ନତ ଚିକିତ୍ସା ଉପକରଣ ଉତ୍ପାଦନର ବୈଶ୍ୱିକ କେନ୍ଦ୍ର ଭାବରେ ଉପସ୍ଥାପନ କରିବାର ଲକ୍ଷ୍ୟ ରଖିଛନ୍ତି। ଏହାର ଆଧାରଶିଳା ଭାବରେ ସମ୍ପ୍ରତି କେନ୍ଦ୍ରୀୟ ବଜେଟରେ ଘୋଷିତ ୧୦,୦୦୦ କୋଟି ଟଙ୍କାର 'ବାୟୋଫାର୍ମା ଶକ୍ତି'ଉପକ୍ରମ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଏ। ଏହି କାର୍ଯ୍ୟକ୍ରମ ଦେଶରେ ବୈଜ୍ଞାନିକ ଅନୁସନ୍ଧାନ, ନବାଚାର ଆଧାରିତ ଉଦ୍ୟୋଗମାନଙ୍କୁ ଆଗାମୀ ପିଢ଼ିର ଔଷଧର ବିକାଶକୁ ଅବଶ୍ୟ ଗତି ପ୍ରଦାନ କରିବ। ଆର୍ଥିକ ପରିସଂଖ୍ୟାନ ମଧ୍ୟ ଏହି କଥାକୁ ଦର୍ଶାଉଛି ଯେ ଭାରତର ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ ବର୍ତ୍ତମାନ ୫୦ ବିଲିୟନ ଡଲାର ଛୁଇଁଛି। ଯେଉଁଭଳି ବେଗରେ ଆମେ ବର୍ତ୍ତମାନ ଆଗକୁ ଏହି କ୍ଷେତ୍ରରେ ଅଗ୍ରସର ହୋଇ ଚାଲିଛୁ, ୨୦୩୦ ମସିହା ସୁଦ୍ଧା ଏହା ୧୩୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଂଚିବାର ପୂର୍ଣ୍ଣ ସମ୍ଭାବନା ରହିଛି। ଏହା କେବଳ ଏକ ସଂଖ୍ୟା ନୁହେଁ, ବରଂ ଦେଶର ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ନିମନ୍ତେ ଉତମ ଭବିଷ୍ୟତର ରୋଡ ମ୍ୟାପ୍ ହିସାବରେ ମଧ୍ୟ ଦେଖାଯିବା ଜରୁରୀ। ସମ୍ପ୍ରତି ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ୩୦ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ପ୍ରଦାନ କରିଆସୁଛି। ୨୦୩୦ ମସିହା ସୁଦ୍ଧା ହେଲ୍ଥ କେୟାର ଏବଂ ଫାର୍ମା କ୍ଷେତ୍ରରେ ୨୦ରୁ ୨୫ ଲକ୍ଷ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ବାୟୋଫାର୍ମା, ମେଡଟେକ୍ ଏବଂ କ୍ଲିନିକାଲ ରିସର୍ଚ୍ଚ ଭଳି ନୂଆକରି ମୁଣ୍ଡ ଟେକୁଥିବା କ୍ଷେତ୍ରମାନ ଏଭଳି ସମ୍ଭାବନାର ନୂତନ ଦ୍ୱାର ଉନ୍ମୋଚନ କରିଛନ୍ତି। ଆମ ସରକାର ବିଶ୍ୱାସ କରନ୍ତି ଯେ ଦେଶର ଯୁବଗୋଷ୍ଠୀଙ୍କ ସଫଳତାର ମୂଳଦୁଆ ମଜବୁତ ଶିକ୍ଷଣ ଢାଂଚା ଉପରେ ହିଁ ଆଧାରିତ ଅଛି। ଏହି ପରିକଳ୍ପନା ଓ ଦୂରଦୃଷ୍ଟିକୁ ଧ୍ୟାନରେ ରଖି, କେନ୍ଦ୍ର ବଜେଟରେ ଫାର୍ମା ସେକ୍ଟର ନିମନ୍ତେ ଆହୁରି ଅନେକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାର ଦେଶରେ ତିନିଗୋଟି ନୂତନ ରାଷ୍ଟ୍ରୀୟ ଔଷଧୀୟ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇପର) ସ୍ଥାପିତ କରିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି। ଏହା ସହିତ, ବର୍ତ୍ତମାନ କାର୍ଯ୍ୟରତ ଥିବା ସାତଗୋଟି ନାଇପର ସଂସ୍ଥାନଙ୍କୁ ଅପଗ୍ରେଡ କରାଯାଉଛି। ଏହି ସାତଗୋଟି ସଂସ୍ଥାନଙ୍କୁ 'ସେଂଟର ଅଫ୍ ଏକ୍ସଲେନ୍ସ' ଭାବରେ ସ୍ଥାପନ କରାଯାଇଛି, ଯାହା ଅନୁସନ୍ଧାନ ଏବଂ ବିକାଶକୁ ନୂତନ ଶୀର୍ଷରେ ପହଂଚାଇବାରେ ସହାୟକ ହେବ। ଏହି ସବୁ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ବିଶେଷ କ୍ଷେତ୍ରମାନଙ୍କରେ ଅନୁସନ୍ଧାନକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ନାଇପର ବାତାବରଣରେ ଏଂଟି- ଭାଇରାଲ ଏବଂ ଏଂଟି – ବ୍ୟାକ୍ଟେରିଆଲ ଔଷଧର ଅନୁସନ୍ଧାନ ଏବଂ ବିକାଶ, ନାଇପର ଅହମ୍ମଦାବାଦରେ ମେଡିକାଲ ଡିଭାଇସ, ନାଇପର ହାଇଦ୍ରାବାଦରେ ବଲ୍କ ଡ୍ରଗ୍ସ, ନାଇପର କୋଲକାତାରେ ଫ୍ଲୋ କେମିଷ୍ଟ୍ରି ଏବଂ ନିରନ୍ତର ଉତ୍ପାଦନ, ନାଇପର ରାୟବରେଲୀରେ ନଭେଲ ଡ୍ରଗ୍ ଡେଲିଭରୀ ସିଷ୍ଟମ, ନାଇପର ଗୁଆହାଟୀରେ ଫାଇଟୋଫାର୍ମାସିଉଟିକାଲ୍ସ ତଥା ନାଇପର ହାଜିପୁରରେ ବାୟୋଲୋଜିକାଲ ଥେରାପୁଟିକ୍ସ ନିମନ୍ତେ ସେଂଟର ଅଫ୍ ଏକ୍ସଲେନ୍ସ ସ୍ଥାପିତ କରାଯାଇଛି। ଏହିସବୁ ସଂସ୍ଥାନଗୁଡ଼ିକର ପ୍ରତ୍ୟକ୍ଷ ଲାଭ ଆମର ବିଦ୍ୟାର୍ଥୀମାନଙ୍କୁ ମିଳିବ। ନାଇପର କେବଳ ଏକ ଡିଗ୍ରୀ ପ୍ରଦାନକାରୀ ସଂସ୍ଥାନ ଭାବରେ ସୀମିତ ହୋଇ ରହିବନାହିଁ, ବରଂ ସେସବୁ ଏପରି କେନ୍ଦ୍ର ଭାବରେ ମୁଣ୍ଡ ଟେକିବ ଯେଉଁଠାରେ ଛାତ୍ର ଉଦ୍ୟୋଗର ବାସ୍ତବିକ ଚାଲେଞ୍ଜ ଉପରେ କାର୍ଯ୍ୟମାନ ସଂପାଦନ କରାଯିବ। ଏହା ଫଳରେ ଆମର ଛାତ୍ରମାନେ କେବଳ 'କର୍ମନିଯୁକ୍ତି ସନ୍ଧାନକାରୀ' ନୁହେଁ, ବରଂ 'କର୍ମନିଯୁକ୍ତି ଯୋଗାଣକାରୀ' ଏବଂ ନବାଚାରୀ ହୋଇପାରିବେ। ପରିବର୍ତ୍ତିତ ପରିଦୃଶ୍ୟରେ କାର୍ଯ୍ୟ କରିବାର ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଘଟି ଚାଲିଛି। ଅନୁମାନ କରାଯାଉଛି ଯେ ୨୦୩୦ ମସିହା ସୁଦ୍ଧା ଫାର୍ମା ସେକ୍ଟର ହାରାହାରି ୩୦- ୩୫ କର୍ମଶକ୍ତିକୁ ରି- ସ୍କିଲିଂ ଅର୍ଥାତ୍ ନୂତନ କୌଶଳ ଶିକ୍ଷା କରିବାର ଆବଶ୍ୟକତା ପଡ଼ିବ। କେୟାର ଡେଲିଭରୀ, ଗବେଷଣା ଏବଂ ଉତ୍ପାଦନର ପରିଭାଷାମାନ ଦିନକୁ ଦିନ ବଦଳି ଚାଲିଛି। ଡାଟା ବିଶ୍ଳେଷଣ, ଡିଜିଟାଲ ହେଲ୍ଥ ଏବଂ ନିୟାମକ ପ୍ରସଙ୍ଗରେ ଉଚ୍ଚ କୌଶଳଯୁକ୍ତ ଯୁବଶକ୍ତିଙ୍କ ଚାହିଦା ଦ୍ରୁତ ବେଗରେ ବୃଦ୍ଧି ପାଇ ଚାଲିଛି। ଆମ ସରକାରଙ୍କ ଧ୍ୟାନ ଏହା ଉପରେ ନିବଦ୍ଧ ଯେ ଯେପରି କୌଣସି ଠାରେ 'ସ୍କିଲ୍ ଗ୍ୟାପ୍' ନ ରହେ, ଏବଂ ଯେଉଁଠାରେ ତାହା ରହିଛି ତାହାକୁ ଯଥାଶୀଘ୍ର କିପରି ଭରଣା କରାଯିବ। ଆମେ ଚାହୁଁ ଯେ ଆମର ବିଦ୍ୟାର୍ଥୀମାନେ କ୍ଲିନିକାଲ ରିସର୍ଚ୍ଚ ଏବଂ ଅନୁସନ୍ଧାନ



ଶ୍ରୀମତୀ ଅନୁପ୍ରିୟା ପଟେଲ

ତଥା ବିକାଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଲାଭ କରନ୍ତୁ। ଶିକ୍ଷା ଏବଂ ଉଦ୍ୟୋଗ ମଧ୍ୟରେ ଥିବା ଦୂରତାକୁ କମ୍ କରିବା ଉପରେ ଆମେ ସଦାବେଳେ ପ୍ରାଥମିକତା ପ୍ରଦାନ କରି ଆସୁଛୁ। ଯେପର୍ଯ୍ୟନ୍ତ ଆମର କଲେଜଗୁଡ଼ିକରେ ପଢ଼ାଯାଉ ଥିବା ପାଠ୍ୟକ୍ରମ ଏବଂ ଉଦ୍ୟୋଗ ମାନଙ୍କର ଆବଶ୍ୟକତା ଏକ ସମାନ ନ ହୋଇଛି, ସେ ପର୍ଯ୍ୟନ୍ତ ଆମର 'ଜନସାଂଖ୍ୟିକୀୟ ସୁଫଳ'ର ସମ୍ପୂର୍ଣ୍ଣ ଲାଭ ଉଠାଯାଇ ପାରିବ ନାହିଁ। ସେଥିପାଇଁ, ଆମେ 'ଉଦ୍ୟୋଗ - ଏକାଡେମିକ୍ ସହଭାଗିତା'କୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରୁଛୁ। ଏହି ଦିଗରେ ଶିକ୍ଷା ଏବଂ ଉଦ୍ୟୋଗ ମଧ୍ୟରେ ତାଳମେଳ ରକ୍ଷା ନିମନ୍ତେ ନାଇପର ଏବଂ ଉଦ୍ୟୋଗ ମଧ୍ୟରେ ୩୫୬ ଗୋଟି ବୁଝାମଣା ପତ୍ର (ଏମ.ଓ.ୟୁ.) ସ୍ୱାକ୍ଷରିତ ହୋଇଛି। ଏହା ସହିତ ସ୍କିଲ ଡେଭଲପମେଂଟ ମିଶନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସିଧାସଳଖ କମ୍ପାନୀମାନଙ୍କ ସହିତ ଯୋଗାଯୋଗର ସୁଯୋଗ ମଧ୍ୟ ପ୍ରଦାନ କରାଯାଉଛି। ଏହା କେବଳ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ରୋଜଗାର କ୍ଷମତା ବୃଦ୍ଧି କରୁନାହିଁ, ବରଂ ଭାରତ ଏକ ଗ୍ଲୋବାଲ୍ ଇନୋଭେସନ ହବରେ ପରିଣତ ହେବାରେ ଲାଗିଛି। ଔଷଧ କ୍ଷେତ୍ରର ବିକାଶ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ବୃଦ୍ଧି କରିବା ସହିତ ଦେଶର ଯୁଗଗୋଷ୍ଠୀଙ୍କୁ ସଶକ୍ତ କରିବା ଦିଗରେ ମଧ୍ୟ ଏକ ମିଶନ ଭାବରେ କାର୍ଯ୍ୟ କରୁଛି। ଜ୍ଞାନ ଆଧାରିତ ଅର୍ଥ ବ୍ୟବସ୍ଥାର ମୂଳଦୁଆ ଆମର ଯୁବ ବୈଜ୍ଞାନିକ, ଗବେଷକ ଏବଂ ପେସାଦାରମାନଙ୍କ କାନ୍ଧ ଉପରେ ନ୍ୟସ୍ତ ରହିଛି। ନାଇପରର ବିସ୍ତାର ଏବଂ ବଜେଟରେ କରାଯାଇଥିବା ଆର୍ଥିକ ପ୍ରାବଧାନ ଏହି କଥାର ଦୃଢ଼ ପ୍ରମାଣ ଅଟେ। ଆମେ ଏଭଳି ଏକ ଇକୋସିଷ୍ଟମ ପ୍ରସ୍ତୁତ କରୁଛୁ ଯେଉଁଠାରେ ଜଣେ ଛାତ୍ର ନିଜର ପ୍ରତିଭା ଏବଂ କଠିନ ଶ୍ରମ ବଳରେ ବୈଶ୍ୱିକ ସ୍ତରରେ ମଧ୍ୟ ପରିବର୍ତ୍ତନ ଆଣି ପାରିବେ। ଭାରତର ଔଷଧ ଉତ୍ପାଦନ କ୍ଷେତ୍ରର ଏହା ଏକ ସୁବର୍ଣ୍ଣ ଯୁଗ ଏବଂ ଆମର ଯୁବଗୋଷ୍ଠୀଙ୍କ ନିମନ୍ତେ ଏହା ଏକ ମହତ୍ୱପୂର୍ଣ୍ଣ ଅବସର ପହଂଚାଇଛି, ଯାହା ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ଅ୨୦୪୭'ର ପରିକଳ୍ପନାକୁ ସାକାର କରିବା ଦିଗରେ ଏକ ମଜଭୁତ ଆଧାର ପ୍ରସ୍ତୁତ କରୁଛି।

***ଲେଖିକା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ତଥା ରସାୟନ ଏବଂ ସାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ***

# ମଣ୍ଡଳ କମିଟି ଗଠନକୁ ନେଇ ବିଜେପି ସଭାପତିଙ୍କ ଅସନ୍ତୋଷ

ଖଇରା(ନିପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ବ୍ଳକରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ୧୩ତାରିଖ ଦିନ ୪ମଣ୍ଡଳର ଯୁବ, ମହିଳା, ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ତଥା ଅନ୍ୟାନ୍ୟ କର୍ମକର୍ତାଙ୍କ ନାମ ମନୋନୀତ କରାଯାଇଛି। ଏଭଳି ଘୋଷଣା ବା ମନୋନୟନ ପ୍ରକ୍ରିୟାକୁ ବିଜେପି ଜିଲା ସଭାପତି ଈଶ୍ୱର ବେହେରା ନାପସନ୍ଦ କରିଛନ୍ତି। ସଙ୍ଗଠନ ଭିତରେ କର୍ମକର୍ତା ମନୋନୟନ ଅଧିକାର କେବଳ ସଭାପତିଙ୍କର ରହିଛି। ହେଲେ ଜଣେ ଲୋକପ୍ରତିନିଧି ଜିଲା କିମ୍ୱା ମଣ୍ଡଳ ସଭାପତିଙ୍କ ବିନା ପରାମର୍ଶରେ କାର୍ଯ୍ୟକର୍ତାଙ୍କ ନାମ ମନୋନୟନରେ କୌଣସୀ ବୈଧତା ନାହିଁ ବୋଲି ସଭାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହା ପୁର୍ବରୁ କିଛି ମାସ ତଳେ ମଧ୍ୟ ଖଇରା ବ୍ଳକର ୪ନମ୍ବର ଓ ୬ନମ୍ବର ଜୋନରେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣାକୁ ନେଇ ତତକାଳିନ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅସନ୍ତୋଷ ଜାହିର କରିଥିଲେ।

# ତହସିଲ ଓ ଖଣି ବିଭାଗର ଚଢ଼ାଉ: ବାଲି ଗାଡ଼ି ଜବତ



ସୋର(ନିପ୍ର): ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ବାଲି ବୋଝେଇ ଗାଡି ଜବତ କରା ଯାଇଥିବା ବେଳେ ଅନେକ ଗାଡି ଫେରାର ହୋଇ ଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ କୌଣସି ସୂତ୍ରରୁ ଖବର ପାଇ ସୋର ତହସିଲଦାର ଚିନ୍ମୟ ରାଉତ ଓ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ବିଦୁପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଦୁଇଟି ବାଲିଗାଡିକୁ ଜବତ କରିଥିବା ବେଳେ ଅନେକ ଗାଡି ଫେରାର ହୋଇ ଯାଇଥିଲେ। ଏହି ସମୟରେ ବାହାନଗା ତହସିଲଦାର ଓ କନିଷ୍ଠ ଖଣି ଅଧିକାରୀ ଉପସ୍ଥିତ ଥିଲେ।

# ଆଳଦା-ପାହାଡ଼ପୁର ରାସ୍ତାର ଶିଳାନ୍ୟାସ କଲେ ବିଧାୟକ



ଖଇରା(ନିପ୍ର): ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଗୁରୁବାର ବାଲେଶ୍ୱର ଭଦ୍ରକକୁ ସଂଯୋଗ କରୁଥିବା ଆଳଦା-ପାହାଡପୁର ରାସ୍ତାର ଶିଳନ୍ୟାସ ପରେ ଦିର୍ଘଦିନ ଧରି ଅପେକ୍ଷା କରିଥିବା ହଜାର ହଜାର ଗ୍ରାମବାସୀଙ୍କ ସ୍ୱପ୍ନ ପୁରଣ ହୋଇଛି। କୈଳାସ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଢୁଙ୍ଗୁରା ସରପଂଚ ପ୍ରକାଶ କୁମାର ଲେଙ୍କା, ନଟବର ସାହୁ, ଶଙ୍କର୍ଷଣ ମାଝୀ, ଠିକାଦାର ମୁରଲୀଧର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେ ରାସ୍ତାର ବିଶଦ ବିବରଣୀ ପ୍ରଦାନ କରିବା ଅବସରରେ ୧.୮କିମି ରାସ୍ତା ପାଇଁ ୧କୋଟି୯୬ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଲେ।

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ

ଯାଜପୁର(ନିପ୍ର): ସରକାରୀ ଗୋଚର ଜମିକୁ ବେଆଇନ ଭାବେ ଗୋଟିଏ ପରିବାର ଦିଆଯିବା ପ୍ରତିବାଦରେ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ସାରଙ୍ଗପୁର ଗାଁ ରେ ଥିବା ଗୋଚର ଜମିକୁ ଏକ ପରିବାରକୁ ତହସିଲ ପକ୍ଷରୁ ଦେବା ପାଇଁ ନିଷ୍ପତି ନେଇଛି। ଏହି ପରିବାର ସେଠାରେ ଥିବା ସମସ୍ତ ଗୋଚର ଜମି କୁ ଅକ୍ତିଆର କରିବା ସହିତ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ ମୂଲ୍ୟ ର ଆମ୍ବ ପଣସ ଶାଗୁଆନ ଆଦି ବିଭିନ୍ନ ଗଛ ଗୁଡିକୁ କାଟି ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ଜମି କୁ ଜବରଦଖଲ ମୁକ୍ତ କରବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଏ ନେଇ ଗ୍ରାମ କମିଟି ର ସମ୍ପାଦକ ଧନେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ୧୦୦ ଉର୍ଦ୍ଧ ଗ୍ରାମବାସୀ ଜିଲା ପ୍ରଶାସନ ର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମହିଳା ଜଣଙ୍କ ସେହି ଗୋଚର ସ୍ଥାନରେ ପ୍ରଶାସନ ର ବିନା ଅନୁମତି ରେ ଜୋର ଜବରଦସ୍ତ ଘର ତିଆରି କରିବା ସହ ଯେଉଁ ଗ୍ରାମବାସୀ ବିରୋଧ କରୁଛନ୍ତି ତାଙ୍କ ବିପକ୍ଷ ରେ ଅଶାଳୀନ ବ୍ୟବହାର କରିବା ସହ ମିଛ ମକୋଦ୍ଦମା କରୁଥିବା ଅଭିଯୋଗ ହୋଇଛି। ସେପଟେ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗକୁ ଉକ୍ତ ପରିବାର ପକ୍ଷରୁ ଖଣ୍ଡନ କରାଯାଇଛି।

# ଅଭାବୀ ସମ୍ବଳରେ ପୋଲିସ: ତଦନ୍ତ ବୋଝ ତଳେ ଚାପି ହେଉଛନ୍ତି ଅଧିକାରୀ



ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲାର ଧାମନଗର ଥାନା ଏବେ ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସଂଘର୍ଷ କରୁଛି। ଧାମନଗର ବ୍ଲକର ଆନନ୍ଦପୁର ଠାରୁ ଗୋବିନ୍ଦପୁର ପୁର ଏବଂ ଭଣ୍ଡାରିପୋଖରୀ ର କିଛି ଅଂଶ ସମେତ ବିସ୍ତୃତ ଅଂଚଳର ସୁରକ୍ଷା ଦାୟିତ୍ୱ ଏହି ଥାନା ଉପରେ ରହିଛି। ମାତ୍ର ଆବଶ୍ୟକତା ତୁଳନାରେ କର୍ମଚାରୀ ସଂଖ୍ୟା କମ ଥିବାରୁ ଜଣେ ଜଣେ ଅଧିକାରୀ ଏକାଧିକ ମାମଲାର ତଦନ୍ତ ବୋଝରେ ଚାପି ହୋଇ ରହୁଛନ୍ତି। ୧୨ କିଲୋମିଟର ଲମ୍ବ ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା, ରାହାଜାନି ଏବଂ ଅନ୍ତରାଜ୍ୟ ଡକାୟତି ପୋଲିସ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ଥାନାରେ କାର୍ଯ୍ୟରତ ଅଧିକାରୀମାନେ ଅପରାଧ ନିୟନ୍ତ୍ରଣ କରିବାରେ କଷ୍ଟକର ହେଉଛି। ସାଧାରଣ ମାମଲା ପାଇଁ ୬୦ ଦିନ ଓ ସଂଗୀନ ମାମଲା ପାଇଁ ୯୦ ଦିନର ସମୟସୀମା ମଧ୍ୟରେ ଚାର୍ଜସିଟ ଦେବା ନିୟମ ଥିବାରୁ, କର୍ମଚାରୀ ଅଭାବରୁ ସେମାନେ ଅତ୍ୟଧିକ ଚାପରେ ରହୁଛନ୍ତି। ଫରେନ୍ସିକ ରିପୋର୍ଟ ଓ ସାଇବର ପ୍ରମାଣ ସଂଗ୍ରହରେ ବିଳମ୍ବ ହେଲେ ଏହି ଚାପ ଦ୍ୱିଗୁଣିତ ହୋଇଯାଉଛି। ଥାନାରେ ଜଣେ ଆଇଆଇସିଙ୍କ ସମେତ ୪ ସବ୍-ଇନସପେକ୍ଟର ପଦବୀ ମଞ୍ଜୁର ହୋଇଥିବା ବେଳେ ମାତ୍ର ୦୩ ଜଣ (୦୨ ପୁରୁଷ ଓ ୦୧ ମହିଳା) ଅଛନ୍ତି। ସେହିପରି ୦୫ ଜଣ ଏଏସ୍ଆଇ ପଦବୀରୁ ମାତ୍ର ୦୪ ଜଣ ଅଛନ୍ତି, ଯେଉଁଥିରୁ ଜଣେ ବଦଳି ହୋଇ ଚାଲିଯିବେ। ମଞ୍ଜୁର ଥିବା ୧ ହାବିଲଦାର ପଦବୀ ଖାଲି ପଡ଼ିଛି। ୧୦ ଜଣ କନେଷ୍ଟବଲ ଓ ମାତ୍ର ୦୫ ଜଣ ଗୃହରକ୍ଷୀଙ୍କୁ ନେଇ ୧୨ ହଜାରରୁ ଅଧିକ ସଂଖ୍ୟାଲଘୁ ବସବାସ କରୁଥିବା ଏବଂ 'ଉର୍ସ' ଭଳି ଆନ୍ତର୍ଜାତୀୟ ଉତ୍ସବ ପାଳନ ହେଉଥିବା ଅଂଚଳରେ ଶାନ୍ତି ରକ୍ଷା କରିବା ଏକ ଆହ୍ୱାନ। ଥାନାର ଭିତିଭୂମି ଅବସ୍ଥା ଅତି ଦୟନୀୟ। ଆଇଆଇସି ଓ ଏସଡିପିଓଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ପାଇଁ କ୍ୱାର୍ଟର ନାହିଁ। ବାରାକ ଅଭାବରୁ ଏପିଆର କର୍ମଚାରୀମାନେ ମହିଳା ଓ ଶିଶୁ ଡେସ୍କ ଗୃହରେ ଅତ୍ୟନ୍ତ କଷ୍ଟରେ ରହୁଛନ୍ତି। ଧାମନଗର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଥାନାରେ ପଦବୀ ପୂରଣ ସହ ଭିତିଭୂମିର ଉନ୍ନତି କରାଗଲେ ପୋଲିସ ସେବା ଆହୁରି ସୁଦୃଢ଼ ହୋଇପାରନ୍ତା। ଏହି ଅବସର ରେ ଧାମନଗର ଅଂଚଳ ର ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ମନୋଜ କୁମାର ଦାଶ, ସଂଜିବ ମହାନ୍ତି, ସରୋଜ ଖୁଂଟିଆ ପ୍ରମୁଖ ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ସହ ଆଲୋଚନା କରିଥିଲେ, ସଂଧ୍ୟା ଓ ବିଳମ୍ବିତ ରାତ୍ରୀ ରେ ରାତ୍ରି କାଳୀନ ପେଟ୍ରୋଲିଙ୍ଗ କରିବାକୁ ଅନୁରୋଧ କରିଥିଲେ। ଖୁବ ଶୀଘ୍ର ସେ ଦିଗରେ ସଚେତନ ହେବେ ବୋଲି ଥାନା ଅଧିକାରୀ ଶ୍ରୀ ଦାଶ କହିଥିଲେ।

## ଟ୍ରାକ୍ଟର ଚକତଳେ ଚାଲିଗଲା ବୃଦ୍ଧାଙ୍କ ଜୀବନ

ସୋର(ନିପ୍ର): ସୋର ଥାନା ଉଲ୍ଲାସଖଣ୍ଡପୁର ଗ୍ରାମର ମାଳତୀ ବେହେରା ନିଜ ପୁଅଙ୍କ ବାଇକ ଯୋଗେ ବରଫ କଳ ଛକକୁ ହର୍ବାଲ ଲାଇଫ ଖାଇବାକୁ ଯାଉଥିଲେ। ଏହି ସମୟରେ ପଛରୁ ଏକ ଟ୍ରାକ୍ଟର ଧକ୍କା ଦେବା ସହିତ ତାଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚକ ଚଢିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।


**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 16.04.2026 I, Bhabani Shankar Palei, aged about 35 years, S/o- Late Bijay Kumar Palei residing At- Chipatastia, Po- Bhanjpur, PS- Baripada Town, Dist- Mayurbhanj, Pin- 757002, Aadhar No. 9076 9326 0489 declare that I have changed my name from Bhabani Palei to Bhabani Shankar Palei. Henceforth, I shall be known as Bhabani Shankar Palei for all purposes.

Sd/-

**Bhabani Shankar Palei**

**AFFIDAVIT**

By virtue of an affidavit sworn before Executive Magistrate, Balasore dated 31.03.2026 I, Sri Balaram Dandapat, aged about 18 years, S/o- Kusa Dandapat of Vill- Sankarpur, Po- Panchupali, Ps- Baliapal, Dist- Balasore declare that in my B.S.E. Certificate my name has been mentioned as Balaram Dandapat. But in my Aadhar Card vide No. 8783 0947 4635 my name has been mentioned as Chaitanya Dandapat. Balaram Dandapat and Chaitanya Dandapat is one and same person who is the son of Kusa Dandapat.

Sd/-

**Balaram Dandapat**



# ଏଲଆଇସି ପକ୍ଷରୁ ବ୍ରହ୍ମପୁର ସବୁଜ ବାହିନୀକୁ "ଟ୍ରୀ ଆମ୍ବୁଲାନ୍ସ" ପ୍ରଦାନ




ବ୍ରହ୍ମପୁର (ନି.ପ୍ର.): ଏଲଆଇସି ଗୋଲଡେନ ଜୁବିଲି ଫୋ ?ଣ୍ଡସନ ପକ୍ଷରୁ ବ୍ରହ୍ମପୁର ସବୁଜ ବାହିନୀକୁ ଏକ "ଟ୍ରୀ ଆମ୍ବୁଲାନ୍ସ" ପ୍ରଦାନ କରାଯାଇଛି । ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣ କ୍ଷେତ୍ରରେ ସଂଗଠନର ଦୀର୍ଘଦିନର ଅବଦାନକୁ ମନେରଖି ଏହି ସହଯୋଗ ଯୋଗାଇଦିଆଯାଇଛି । ଗତ ୧୨ ବର୍ଷ ଧରି ବ୍ରହ୍ମପୁର ସହର ଓ ଆଖ ପାଖ ଅଂଚଳରେ ବୃକ୍ଷରୋପଣ, ବୃକ୍ଷ ସୁରକ୍ଷା ଓ ସବୁଜୀକରଣ କାର୍ଯ୍ୟରେ ବ୍ରହ୍ମପୁର ସବୁଜ ବାହିନୀ ନିରନ୍ତର କାର୍ଯ୍ୟ କରୁଛି । ବିଶେଷକରି ରାସ୍ତା ପ୍ରଶସ୍ତିକରଣ ସମୟରେ ଉପାଡ଼ି ଦିଆଯାଉଥିବା ବୃକ୍ଷଗୁଡ଼ିକୁ ଉଦ୍ଧାର କରି ସେଗୁଡ଼ିକୁ ନୂତନ ସ୍ଥାନରେ ପୁନର୍ରୋପଣ କରି ସଂରକ୍ଷଣ କରାଯାଉଛି । ଏହି "ଟ୍ରୀ ଆମ୍ବୁଲାନ୍ସ" ଆଗାମୀ ଦିନରେ ଆହତ, ଉପାଡ଼ି ଯାଇଥିବା ଓ ବିପଦଗ୍ରସ୍ତ ବୃକ୍ଷଗୁଡ଼ିକୁ ସୁରକ୍ଷିତ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଂଚାଇ ପୁନର୍ଜୀବନ ଦେବାରେ ମୁଖ୍ୟ ଭୂମିକା ନିଭାଇବ ବୋଲି ଏଲଆଇସି ଡିଭିଜନାଲ୍ ମ୍ୟାନେଜର ଶ୍ରୀ ସୁଶାନ୍ତ ପାଣିଗ୍ରାହି କହିଥିଲେ । ପରେ ସେ ଏହି ଗାଡ଼ିଟିକୁ ସବୁଜ ବାହିନୀ ସଂଗଠନଙ୍କୁ ହସ୍ତାନ୍ତର କରି ସବୁଜ ପତାକା ଦେଖାଇ ଏହାର ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏଲଆଇସି ପକ୍ଷରୁ ଅଫିସ ଷ୍ଟାଫ୍ ମ୍ୟାନେଜର୍ ଦେବାଶିଷ ମହାପାତ୍ର, ବସନ୍ତ କୁମାର ସାହୁ, ମାନସ କୁମାର ସ୍ୱାଇଁ, ପ୍ରଭାକର କୁମାର ସାମନ୍ତରାୟ ଉପସ୍ଥିତ ଥିଲେ । ସେହିପରି ସବୁଜ ବାହିନୀ ପକ୍ଷରୁ ସଭାପତି ଶିବରାମ ପାଣିଗ୍ରାହୀ, ସଂପାଦକ ସାଗର ପ୍ରସାଦ ପାତ୍ର, ସଞ୍ଜୟ ସାମନ୍ତରାୟ, ଏ. ପ୍ରକାଶ, ସ୍ୱାଧୀନ କୁମାର ସାହୁ, ଅନୀଲ ଚୌଧୁରୀ, ଅଜୟ କୁମାର ସାହୁ, ସୁଜାତା ମହାରଣା, ସୁଶୀଲ କୁମାର ଓ ନବୀନ ସାହୁ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଏହି ସହଯୋଗ ପାଇଁ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଏଲଆଇସି ଗୋଲଡେନ ଜୁବିଲି ଫୋ ?ଣ୍ଡସନ କୁ ଅନ୍ତରିକ ଧନ୍ୟବାଦ ଜଣାଯାଇଥିଲା ।

# ସିବିଏସଇ ଦଶମ ପରୀକ୍ଷାରେ ୯୭.୪ ଶତକଡା ମାର୍କ ଅର୍ଜନ କରି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ମହେଶରାମ ମହାନ୍ତ ସମ୍ବର୍ଦ୍ଧିତ



କେନ୍ଦୁଝର(ନି.ପ୍ର.) ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝରର ସିବ ଏସଇ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ୮୩ ଜଣ ବିଦ୍ୟାର୍ଥୀ ଶତ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ଓ ଅଭିଭାବକ ସଂଘ ପକ୍ଷରୁ ସମସ୍ତ ବିଦ୍ୟାର୍ଥୀ ଙ୍କୁ ଶୁଭକାମନା ଜଣାଇଛନ୍ତି । ଅଭିଭାବକ ସଂଘ ତରଫରୁ ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶୁଭେଚ୍ଛା ତଥା ପ୍ରସଂଶିତ କରାଯାଇଥିଲା । ବିଦ୍ୟାଳୟ ର ଛାତ୍ର ମହେଶରାମ ମହାନ୍ତ ଏହି ପରୀକ୍ଷା ରେ ୯୭.୪ ଶତକଡା ମାର୍କ ଅର୍ଜନ କରି କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝରରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ଏହି ଗୌରବମୟ ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ରେ ଶିକ୍ଷକ, ଅଭିଭାବକ ଉପସ୍ଥିତି ରେ ଅଭିଭାବକ ସଂଘର ସଚିବ ଦେବରାଜ ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ର ଅଧକ୍ଷ ସୁଶାନ୍ତ କୁମାର ସାହୁ କୃତି ଛାତ୍ର ମହେଶରାମ ମହାନ୍ତ ଙ୍କୁ ପୁଷ୍ପ ଗୁଛ ଦେଇ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥଲେ ।

# ଆଜାଦ୍ କ୍ଲବ ପକ୍ଷରୁ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ




କେନ୍ଦ୍ରାପଡ଼ା,(ନି.ପ୍ର.): କେନ୍ଦ୍ରାପଡା ସହରର ଫକିରାବାଦ୍ ଆଜାଦ୍ କ୍ଲବ ପକ୍ଷରୁ ଏକ ଜାତୀୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେ□ ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡାରେ ଏଭଳି ଟୁର୍ଣ୍ଣାମେ□ର ଆୟୋଜନ ଦ୍ୱାରା ଯୁବବର୍ଗଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହେବା ସହିତ ଏହି ଜିଲ୍ଲାରେ ବହୁ କ୍ରୀଡାବୀତ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଯୋଗଦେଇ ଏଭଳି ପ୍ରତିଯୋଗିତା ଦ୍ୱାରା ଆମ ଅ□ଳର କ୍ରୀଡାବିତଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ । ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବ କଟକର ଟାର୍ଜନ କ୍ଲବକୁ ୩-୧ ଟ୍ରାଇବ୍ରେକରରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଆଜିର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର କଳିଙ୍ଗ ୟୁନାଇଟେଡ ଏଫସି ଝାଡଖଣ୍ଡ ଚାଇବସାର କେଲାନ ସକ୍କର ଏକାଡେମୀକୁ ଭେଟିଥିଲା । କ୍ଲବର ସମ୍ପାଦକ ସେକ ଲିୟାକତ ଅଲ୍ଲୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ମୀର ବକ୍କାଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମ୍ୟାଚକୁ ରେଫରୀ ଭାବେ ଶିବାନୀ ରାଜପୁତ, ଦେବଜାନୀ ମଣ୍ଡଳ, ଉମା ବାରୋହୀ ଓ ବନ୍ଦନା ବୋଷ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟିକା ଖାନ୍, ସେକ ଅମୀର ଅହେମ୍ମଦ, କଲିମ ଖାନ୍, ନୁର ଖାନ, ସୟଦ ଅହେସାନ ଅଲ୍ଲୀ, ସିପୁନ ଖାନ, ସେକ ବୁରଖାନ, ଆଝାରୁଦ୍ଦିନ ଖାନ ପ୍ରମୁଖ ଟୁର୍ଣ୍ଣାମେ□ ପରିଚାଳନାରେ ସହଯୋଗ କରିଥିଲେ ।

# ତେଜସ୍ୱିନୀ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ସୋର, (ନି.ପ୍ର.) ସୋର ବ୍ଲକ ପାଖର ଛକ ସ୍ଥିତ ତେଜସ୍ୱୀନୀ ଏଜୁକେଶନାଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅଟିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ମୁଖ୍ୟ ବକ୍ତା ଦିଲୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ରଜନୀ ପାଣିଗ୍ରାହୀ, କମାଳକାନ୍ତ ପାଣିଗ୍ରାହୀ, ମାନସ ରଞ୍ଜନ ଦାସ, ଜୟନ୍ତ ମହାନ୍ତି, ଶ୍ରୁତିରଞ୍ଜନ ମହାପାତ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା, ନୃତ୍ୟ ଗୁରୁମା ସ୍ମୃତିରେଖା ପାଢ଼ୀ ପ୍ରମୁଖ ଏଡାକୁ ପପରିଚାଳନା କରିଥିଲେ । ରଘୁନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ଲଟ ବ୍ୟବସାୟୀଙ୍କୁ ଅପହରଣ

ବ୍ରହ୍ମପୁର(ନି.ପ୍ର.) : ଗଂଜାମ ଜିଲ୍ଲା ଗୋପାଳପୁର ଥାନା ଅଂଚଳରୁ ପ୍ଲଟ ବ୍ୟବସାୟିଙ୍କୁ ଅପହରଣ କରାଯାଇଛି । ଖବର ଅନୁଯାୟୀ ଗତକାଲି ସନ୍ଧ୍ୟା ସମୟରେ ଗୋପାଳପୁର ଥାନା ଡିଫେନ୍ସ କଲୋନୀରୁ ସୁଧୀର ପାତ୍ର ନାମକ ଜଣେ ପ୍ଲଟ ବ୍ୟବସାୟୀଙ୍କୁ କିଛି ଦୁର୍ବୃତ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ସୁଧୀର ପାତ୍ର ଗତ ସନ୍ଧ୍ୟାରେ ଭଲିବଲ୍ ଖେଳି ଶ୍ୱଶୁର ଘର ଡୁରା ଗ୍ରାମକୁ ଫେରୁଥିବା ସମୟରେ ନିକଟସ୍ଥ ଡିଫେନ୍ସ କଲୋନି ଅଂଚଳରୁ କିଛି ଦୁର୍ବୃତ ତାଙ୍କୁ ଜବରଦସ୍ତ କାର ଗାଡ଼ିରେ ଉଠାଇ ନେଇଯାଇଥିବା ଜଣାପଡିଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଂଚି, ସୁଧୀରଙ୍କ ବାଇକ୍ ?କୁ ଉଦ୍ଧାର କରି ଥାନାକୁ ନେଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରୀ ରଖିଛି କ୍ଷ ସୁଧୀର ପାତ୍ର ବାଲୁଗାଁ, ନାଚୁଣୀ ଓ ଖଲିକୋଟ ଅଂଚଳରେ ପ୍ଲଟ ବ୍ୟବସାୟ କରୁଥିଲେ । ତାଙ୍କୁ ଅପହରଣ ପଛରେ ବଡ଼ ଧରଣର ଜମି କିଣାବିକା ଡିଲ ରହିଥିବା ନେଇ ସନ୍ଦେହ କରାଯାଉଛି ।

# ମଣ୍ଡଳ କମିଟି ଗଠନକୁ ନେଇ ବିଜେପି ସଭାପତିଙ୍କ ଅସନ୍ତୋଷ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ବ୍ଲକରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ୧୩ତାରିଖ ଦିନ ୪ମଣ୍ଡଳ ର ଯୁବ,ମହିଳା,ଅନୁସୂଚିତ ଜାତି,ଜନଜାତି,ଓବିସି ଓ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ତଥା ଅନ୍ୟାନ୍ୟ କର୍ମକ□ା ଙ୍କ ନାମ ମନୋନୀତ କରାଯାଇଛି । ଏଭଳି ଘୋଷଣା ବା ମନୋନୟନ ପ୍ରକ୍ରିୟାକୁ ବିଜେପି ଜିଲା ସଭାପତି ଈଶ୍ୱର ବେହେରା ନାପସନ୍ଦ କରିଛନ୍ତି । ସଙ୍ଗଠନ ଭିତରେ କର୍ମକ□ା ମନୋନୟନ ଅଧିକାର କେବଳ ସଭାପତିଙ୍କର ରହିଛି । ହେଲେ ଜଣେ ଲୋକପ୍ରତିନିଧି ଜିଲା କିମ୍ବା ମଣ୍ଡଳ ସଭାପତିଙ୍କ ବିନା ପରାମର୍ଶରେ କାର୍ଯ୍ୟକ□ାଙ୍କ ନାମ ମନୋନୟନରେ କୌଣସୀ ବୈଧତା ନାହିଁ ବୋଲି ସଭାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହା ପୁର୍ବରୁ କିଛି ମାସ ତଳେ ମଧ୍ୟ ଖଇରା ବ୍ଲକର ୪ନମ୍ବର ଓ ୬ନମ୍ବର ଜୋନରେ ମଣ୍ଡଳ ସଭାପତିଙ୍କ ନାମ ଘୋଷଣାକୁ ନେଇ ତତକାଳିନ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅସନ୍ତୋଷ ଜାହିର କରିଥିଲେ ।

# ମହିଳା ସଶକ୍ତିକରଣ, ଅଧିକାର ଓ ସଂରକ୍ଷଣ ବିଷୟରେ ସଚେତନତା ଅଭିଯାନ

ନୟାଗଡ (ନି.ପ୍ର.)-ଜିଲ୍ଲା ମୁଖ୍ୟାଳୟ ନୟାଗଡ଼ରେ ମହିଳା ସଶକ୍ତିକରଣ, ଅଧିକାର ଓ ସଂରକ୍ଷଣ ବିଷୟରେ ବିଶାଳ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ସମ୍ମାନନୀୟା ଜିଲ୍ଲାପାଳ, ନୟାଗଡ଼ ମଧୁମିତା ? ରଥଙ୍କ ଦ୍ୱାରା ପତାକା ହଲାଇ ଶୁଭାରମ୍ଭ କରାଯାଇଥିଲା ।ଏ ହି ଅଭିଯାନରେ ୭୦୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମାଆମାନେ ସକ୍ରିୟ ଭାଗ ନେଇଥିଲେ, ଯାହା ମହିଳାଙ୍କ ସମାଜିକ, ଆର୍ଥିକ ଓ ନେତୃତ୍ୱମୂଳକ ସଶକ୍ତିକରଣ ପ୍ରତି ବୃଦ୍ଧିଶୀଳ ସଚେତନତାକୁ ପ୍ରକାଶ କରୁଛି ।ଏ ହି ସଚେତନତା ଅଭିଯାନ ମାଧ୍ୟମରେ ମହିଳାମାନଙ୍କୁ ସମ୍ବିଧାନ ପ୍ରଦତ ଅଧିକାର, ସଂରକ୍ଷଣର ସୁଯୋଗ, ଆର୍ଥିକ ସ୍ୱାବଲମ୍ବନ, ଉଦ୍ୟମିତା ଓ ସମାଜରେ ସକ୍ରିୟ ଭୂମିକା ନେବାକୁ ପ୍ରେରିତ କରାଯାଉଛି ।ମିଶନ ଶକ୍ତି ବିଭାଗ °ଚସୁଭଦ୍ରା ଶକ୍ତି°ଚ ମାଧ୍ୟମ ରେ ମହିଳାଙ୍କୁ ସ୍ୱାଭିମାନ, ଯଶସମାନତା ଓ ସ୍ୱାବଲମ୍ବନ ପାଇଁ ଆବଶ୍ୟକ ଜ୍ଞାନ, କୌଶଳ ଓ ସୁଯୋଗ ପ୍ରଦାନ କରି ସମାଜର ସମଗ୍ର ଉନ୍ନତିକୁ ଗତିଶୀଳ କରୁଛି ।



# ଦିବ୍ୟଜ୍ୟୋତି ହାୟାର ସେକେଣ୍ଡରୀ ସ୍କୁଲର ସଫଳତା

ବୈଶିଙ୍ଗା (ନି.ପ୍ର.) ସିବିଏସଇ ଦଶମ ବୋର୍ଡ଼ ପରୀକ୍ଷାରେ ଦିବ୍ୟଜ୍ୟୋତି କନଭେଂଟ ସ୍କୁଲର ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଶତ ପ୍ରତିଶତ ଫଳାଫଳ ହାସଲ କରିଛି । ୯୮ ପ୍ରତିଶତ ମାର୍କ ରଖି ବନିତ ପାଲ ସ୍କୁଲ ଟପ୍ପର ହୋଇଥିବାବେଳେ ବ୍ଲକ ଟପ୍ପର ମଧ ହୋଇଛନ୍ତି କ୍ଷ ୯୪.୨% ରଖି ରୁଦ୍ରାଂଶ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି କ୍ଷ ତୃତୀୟ ସ୍ଥାନ ପ୍ରତ୍ୟୁଷ ରାଣା ସିଂ ୯୨% ରଖିଥିବା ବେଳେ ଚତୁର୍ଥ ସ୍ଥାନରେ ଶ୍ୟାନି ସାଲନୀକା ଜେନା ୯୧%ରଖିଛନ୍ତି , ପଂଚମ ସ୍ଥାନରେ ଜସ୍ମିତ ଦାସ ୯୦.୪% ରଖିଥିବାବେଳେ, ଷଷ୍ଠ ସ୍ଥାନରେ ପ୍ରଜ୍ଞାନ ବେହେରା ୯୦% ରଖି କୃତକାର୍ଯ ହୋଇଛନ୍ତି । ଦଶମ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥ?ବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଓ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍କୁଲର ଅଧକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥ?ବା ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।ଦିବ୍ୟ ଜ୍ୟୋତି କନଭେଂଟ ସ୍କୁଲର ପ୍ରେସିଡେଂଟ ମଦର ଟେସିନା ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉଭୟ ସମସ୍ତ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅବିଭାବକମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଅନୁଭୂତିରେ ଶ୍ରୀଜଗନ୍ନାଥ ପୁସ୍ତକ ଲୋକାର୍ପିତ

ଭଦ୍ରକ(ନି.ପ୍ର.) : ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁଙ୍କ ଲିଖିତ ଅନୁଭୂତିରେ ଜଗନ୍ନାଥ ଶୀର୍ଷକ ପୁସ୍ତକଟି ସ୍ଥାନୀୟ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି । ପ୍ରଚ୍ଚର ସମିତି ପକ୍ଷରୁ ସନ୍ଥିଆ ନଗରସ୍ଥିତ ଶ୍ରୀ ରାଧାମଦନମୋହନ ଜୀୟୁ ମଠରେ ଏକ ଆଧାତ୍ମିକ ସଭା ସମିତିର ମୁଖ୍ୟ ପରିଚ୍ଚଳକ ପ. ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ମାନ୍ୟବର ବିଧାୟକ ତଥା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ମହାପାତ୍ର ପୁସ୍ତକଟିକୁ ଲୋକାର୍ପଣ କରି ଆମର ପୁସ୍ତକ ଆମର ପାରିବାରିକ ଓ ସାମାଜିକ ଜୀବନକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ସୂଚ୍ଚଇ ଥିଲେ ।

# ପ୍ରତୀକ ଅର୍ଗାନାଇଜେସନ୍ ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପଣା ବଂଟନ




ବାରିପଦା(ନି.ପ୍ର.) ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଂଟ ପକ୍ଷରୁ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ମନ୍ଦିର ନିକଟରେ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାନୀୟ ଓ ପାରମ୍ପରିକ ଦହିପଣା ବଂଟନ କରାଯାଇଥିଲା ଓ ପଣା ସଂକ୍ରାନ୍ତି ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ଓ ଆଧାତ୍ମିକ ପର୍ବ ଭାବେ ପରିଚିତ ଓ ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ପଣା ପାନ କରି ଶରୀର ଓ ମନକୁ ଶିତଳ କରିବା ସହ ଭଗବାନଙ୍କ ଆଶୀର୍ବାଦ କାମନା କରାଯାଏ ଓ ସେହି ପରମ୍ପରାକୁ ଅଗ୍ରସର କରି ପ୍ରତୀକ ପରିବାର ପକ୍ଷରୁ ପ୍ରଥମେ ମହାପ୍ରଭୁଙ୍କୁ ତୁଳସୀ ପଣା ଅର୍ପଣ କରାଯାଇ ପରେ ପଣା ପ୍ରସ୍ତୁତ କରାଯାଇଥିଲା ଓ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ କରଞ୍ଜିଆ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଫିତା କାଟି ପଣା ଷ୍ଟଲର ଶୁଭ ଉଦଘାଟନ କରିଥିଲେ ଓ ପରେ ସେ ନିଜ ହାତରେ ଶ୍ରଦ୍ଧାଳୁଙ୍କୁ ପଣା ବଂଟନ କରିଥିଲେ ଓ ମହାପ୍ରଭୁଙ୍କ ଦର୍ଶନ କରି ବେଢ଼ା ପରିକ୍ରମା କରିବା ପରେ ସେ ନିଜେ ମଧ ପଣା ପାନ କରିଥିଲେ ଏବଂ ପ୍ରତୀକ ପରିବାରର ଏହି ସାମାଜିକ ଉଦ୍ୟମକୁ ଭୂରିଭୂରି ପ୍ରଶଂସା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ୨୭ନଂ ୱାର୍ଡ କାଉନସିଲର ଶିବଶଙ୍କର ପାତ୍ର, ପ୍ରତୀକର ଉପଦେଷ୍ଟା ବରିଷ୍ଠ ସମାଜସେବୀ ଅନାଦି ପଣ୍ଡିତ, ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ପ୍ରତୀକର ସକ୍ରିୟ ସଦସ୍ୟ ସ୍ନେହାଶିଷ ପାଲ, ଉପଦେଷ୍ଟା ସୋମନାଥ ସିଂହ, ସାମ୍ବାଦିକ ଅଜିତ ଦାସ, ଟାଉନ ସଭାପତି ରାଜୀବ ସାହୁ, ସମ୍ପାଦକ ପ୍ରବୀର ବାରିକ, ପ୍ରତିଷ୍ଠାତା ପ୍ରତିମା ବାରିକଙ୍କ ସମେତ ପ୍ରତୀକ ପରିବାରର ବହୁ ସଦସ୍ୟ ଉପସ୍ଥିତ ରହି ପଣା ବଂଟନ କରିଥିଲେ ଓ ପଣା ସଂକ୍ରାନ୍ତି ଅବସରରେ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ଓ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ପରମ୍ପରାଗତ ଭାବେ ପଣା ପାନ କରି ଆତ୍ମସନ୍ତୋଷ ଲାଭ କରିବା ସହ ପ୍ରତୀକ ଅର୍ଗାନାଇଜେସନର ଏହି ମାନବିକ ଉଦ୍ୟମକୁ ପ୍ରଶଂସା କରିଥିଲେ ଓ ସଦସ୍ୟ, ସହଯୋଗୀ ଓ ନିମନ୍ତ୍ରିତ ଅତିଥିମାନଙ୍କ ସମନ୍ୱୟ ଓ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁରୁଖୁରୁରେ ସମାପନ ହୋଇଥିଲା ।

# ଧାମନଗରରେ ପୋଲିସର ମଧ୍ୟରାତ୍ରି ଚଢ଼ାଉ: ୧୬ ଗୋରୁ ଉଦ୍ଧାର



ଧାମନଗର (ନି.ପ୍ର.) ଧାମନଗର ସହର ଓ ଏହାର ଆଖପାଖ ଅଂଚଳରେ ଚାଲିଥିବା ବେଆଇନ ଗୋ-ଚାଲାଣ ଏବଂ ଗୋ-ମାଂସ କାରବାର ଉପରେ ପୋଲିସ ଏବେ ଶକ୍ତ ପ୍ରହାର କରିଛି । ଗୁରୁବାର ବିଳମ୍ବିତ ରାତିରେ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଥାନା ପଛପଟ ହବିବି ନଗର ଓ କୋରେଶି ମହଲା ଅଂଚଳରେ ଚଢ଼ାଉ କରି ୧୬ ଟି ଗୋରୁଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଗତ ଦୁଇ ଦିନ ତଳେ ଧାମନଗର ଅଂଚଳରୁ ଏକ କା?ରେ 'ପ୍ରେସ୍' ଲେଖାଥିବା ଷ୍ଟିକର ଲଗାଇ ପ୍ରାୟ ୫ କୁଇଂଟାଲ ଗୋ-ମାଂସ ଚୋରାରେ ଭଦ୍ରକ କୁ ଚାଲାଣ ହେଉଥିଲା । ଭଦ୍ରକ ପୋଲିସ ଏହାକୁ ଧରିବା ପରେ ଏହି ବେଆଇନ କାରବାରର ଚେର ଧାମନଗର ପର୍ଯ୍ୟନ୍ତ ଲମ୍ବିଥିବା ସ୍ପଷ୍ଟ ହୋଇଥିଲା । ଏହାକୁ ଗମ୍ଭୀରତାର ସହ ନେଇ ଭଦ୍ରକ ଏସପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପୋଲିସ ବିଭିନ୍ନ ସ୍ଥାନରେ ତନାଘନା ଆରମ୍ଭ କରିଥିଲା ।ବେଆଇନ ଭାବେ ଗୋରୁ ବାନ୍ଧି ରଖାଯାଇଥିବା ଏବଂ ରାତି ଅଧରେ ସେମାନଙ୍କୁ କଟାଯାଉଥିବା ନେଇ ଗୋଇନ୍ଦା ସୂଚନା ପାଇବା ପରେ, ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ସହ ଏସଆଇ ମହେଶ୍ୱର ପ୍ରଧାନ, ନାରାୟଣ ନାୟକ ଏବଂ ଏପିଆର ଫୋର୍ସ ମିଳିତ ଭାବେ ହବିବି ନଗରରେ ଚଢ଼ାଉ କରିଥିଲେ । ପୋଲିସ ପହଂଚିବା ପରେ ସେଠାରେ ଅସୁରକ୍ଷିତ ଭାବେ ବନ୍ଧା ହୋଇଥିବା ୧୬ ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି ।ସହରର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ଭାବେ ଗୋ-ମାତାଙ୍କୁ ହତ୍ୟା କରାଯାଇ ମାଂସ କାରବାର ହେଉଥିବା ପୋଲିସ ପାଖରେ ପର୍ଯ୍ୟାପ୍ତ ସୂଚନା ରହିଛି । ଏହି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ଆଗକୁ ଏହି ଅଭିଯାନ ଆହୁରି ଜୋରଦାର ହେବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି ।ଏହି ଘଟଣା ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା

ଖୋର୍ଦ୍ଧା : ଆଜି ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲୁଗାଁ ମହାବିଦ୍ୟାଳୟ ଚିଲିକା କୂଳରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା ରାଲି ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧକ୍ଷା ଜ୍ୟୋସ୍ନା ରାଣୀ ବେହେରା,ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ସୁକାନ୍ତି ପାଇକରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଣପୁର,ବିକାଶ କୁମାର ମହାନ୍ତି, ଚିଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର ଯୋଗଦେଇ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ନୂତନ ଦିଗ ଦର୍ଶନ ଦେବବୋଲି ମତ ପ୍ରକାଶ କରିଥିଲେ କ୍ଷ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ,ଅଙ୍ଗନୱାଡ଼ି କର୍ମୀ,ସି ଡି ପି ଓ ଚିଲିକା ଓ ବାଣପୁର ବ୍ଲକ ,ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ କୁ ନେଇ ବିଶାଳ ମହିଳା ଶୋଭାଯାତ୍ରା ଗାନ୍ଧୀ ଛକ ଠାରେ ପହଂଚିଥିଲା କ୍ଷ ମହିଳା ମାନେ ହାତରେ ବିଭିନ୍ନ ମହିଳା ଶସକ୍ତି କରଣ ବାର୍ତା ପ୍ଲାଗ କାର୍ଡ ହାତରେ ଧରି ଶୋଭାଯାତ୍ରାରେ ଚିଲିକା କୂଳରୁ ଗାନ୍ଧିଛକ ପର୍ଯ୍ୟନ୍ତ ଯାଇଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରାଣ ନାଥ ସେଠ , ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚିଲିକା ବ୍ଲକ୍ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଶତପଥୀ,ଡି ପି ସି , ମିଶନ ଶକ୍ତି,ଉପଖଣ୍ଡ ପୋଲିସ ଅଧିକାରୀ, ବାଲୁଗାଁ, ବାଲୁଗାଁ ଥାନା ଅଧିକାରୀ, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ସମସ୍ତ କାଉଁସିଲର, ବାଲୁଗାଁ ବିଜ୍ଞାପିତ ପରିଷଦ ସମସ୍ତ ମହିଳା କର୍ମଚାରୀ, ବାଲୁଗାଁ ମହାବିଦ୍ୟାଳୟ ଅଧାପିକା ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।





## ସିବିଏସଇର ଦଶମ ପରୀକ୍ଷାରେ ଦୁଇ ଟପର୍ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

# ମେ' ପହିଲାରୁ ଜୁଲାଇ ୩୧ ଯାଏ ଭିତରକନିକା ବନ୍ଦ




ରାଜନଗର : ବଉଳା କୁମ୍ଭୀରଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମେ' ପହିଲାରୁ ବନ୍ଦ ରହିବ । ଏବେ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଛି । ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ । ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ମେ' ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ସୂଚନାଯୋଗ୍ୟ, ମା' କୁମ୍ଭୀର ଅଣ୍ଡା ଦେଇ ସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ସେଠାରେ ଜଗି ରହିଥାଏ । ଏହି ସମୟରେ ସେ ହିଂସ୍ର ହୋଇ ଉଠିଥାଏ । ତେଣୁ ଏହି ସମୟ ମଧରେ ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନକୁ ନଆସିବା ପାଇଁ ବାରଣ କରାଯାଇଛି ।






# ଆସନ୍ତା ୨୭ରୁ ହିମାଚଳ ପ୍ରଦେଶର ଗସ୍ତ କରିବେ ରାଷ୍ଟ୍ରପତି



ଶିମଲା : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୭ ଅପ୍ରେଲରୁ ୨ ମଇ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶର ଛଅ ଦିନ ଗସ୍ତରେ ଯିବେ । ଏହି ଗସ୍ତ ତାଙ୍କ ମୁଖ୍ୟ ପ୍ରବାସ ଶିମଲା ପାଖରେ ଥିବା ରାଷ୍ଟ୍ରପତି ନିବାସ ମଶୋବରାରେ ରହିବ ।
ରାଷ୍ଟ୍ରପତି ସଚିବାଳୟ ଦ୍ୱାରା ଜାରି ପ୍ରସ୍ତାବିତ କାର୍ଯ୍ୟକ୍ରମ ଅନୁଯାୟୀ, ରାଷ୍ଟ୍ରପତି ହିମାଚଳ ପ୍ରବାସ ସମୟରେ ଶିମଲା, ଅଟଳ ଟନେଲ ଏବଂ ହିମାଚଳ ପ୍ରଦେଶ କୃଷି ବିଶ୍ୱବିଦ୍ୟାଳୟ ପାଲମପୁରର ଗସ୍ତ କରିବା ବ୍ୟତୀତ ଅନ୍ୟ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଭାଗ ନେବେ । ରାଷ୍ଟ୍ରପତି ୨୭ ଅପ୍ରେଲକୁ ବିଶେଷ ବିମାନରେ ଚଣ୍ଡୀଗଡ଼ ପହଂଚିବେ ଏବଂ ସେଠାରୁ ହେଲିକାପ୍ଟର ଜରିଆରେ ମଶୋବରା ପହଂଚି ରାଷ୍ଟ୍ରପତି ନିବାସରେ ରହିବେ । ଶିମଲା ପ୍ରବାସ ସମୟରେ ଏହା ତାଙ୍କର ମୁଖ୍ୟ ଆବାସ ରହିବ । ମଶୋବରା ସ୍ଥିତ ରାଷ୍ଟ୍ରପତି ନିବାସ ପରମ୍ପରାଗତ ରୂପେ ରାଷ୍ଟ୍ରପତିଙ୍କ ଶିମଲା ଗସ୍ତ ସମୟରେ ଆଧିକାରିକ ରହଣିର ସ୍ଥାନ ରହିଛି । ୨୮ ଅପ୍ରେଲକୁ ରାଷ୍ଟ୍ରପତି ନିବାସ, ମଶୋବରାରେ ତାଙ୍କର କିଛି ଉଦ୍‌ଘାଟନ କାର୍ଯ୍ୟକ୍ରମ ପ୍ରସ୍ତାବିତ ଅଛି । ଏହି ଦିନ ତାଙ୍କର ଅଧିକାଂଶ ସମୟ ଏଠାରେ ନିର୍ଦ୍ଧାରିତ ବୈଠକ ଏବଂ ବିଶ୍ରାମ ପାଇଁ ରଖାଯାଇଛି ।

# ଭାରତ ଏବଂ ଅଷ୍ଟ୍ରିଆ ପଶ୍ଚିମ ଏସିଆରେ ଦୀର୍ଘକାଳୀନ ଶାନ୍ତି ପାଇଁ ସମର୍ଥନ କରନ୍ତି: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିନ କହିଛନ୍ତି ଯେ ସମଗ୍ର ବିଶ୍ୱ ବର୍ତ୍ତମାନ ଗମ୍ଭୀର ଏବଂ ଉତେଜନାପୂର୍ଣ୍ଣ ପରିସ୍ଥିତି ଦେଇ ଗତି କରୁଛି, ଯାହାର ପ୍ରଭାବ ବିଶ୍ୱ ସ୍ତରରେ ସମସ୍ତ ରାଷ୍ଟ୍ର ଉପରେ ପଡୁଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏପରି ପରିବେଶରେ, ସାମରିକ ସଂଘର୍ଷ ମାଧ୍ୟମରେ ନୁହେଁ, ବରଂ କେବଳ ଆଲୋଚନା ଏବଂ ଶାନ୍ତି ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ ।ପ୍ରଧାନମନ୍ତ୍ରୀ ମୋଦୀ ଏହି କଥା ଅଷ୍ଟ୍ରିଆନ ଚାନସ୍ଲେର କ୍ରିଷ୍ଟିୟନ ଷ୍ଟକରଙ୍କ ସହିତ ହାଇଦ୍ରାବାଦ ହାଉସରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତ ଏବଂ ଅଷ୍ଟ୍ରିଆ ଉଭୟ ୟୁକ୍ରେନ ଏବଂ ପଶ୍ଚିମ ଏସିଆ ଭଳି ସମ୍ବେଦନଶୀଳ କ୍ଷେତ୍ରରେ ସ୍ଥିର, ସ୍ଥାୟୀ ଏବଂ ଦୀର୍ଘକାଳୀନ ଶାନ୍ତି ପାଇଁ ସମର୍ଥନ କରନ୍ତି । ମୋଦୀ ଆହୁରି କହିଛନ୍ତି ଯେ ବଢୁଥିବା ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ପ୍ରତିଷ୍ଠାନରେ ସଂସ୍କାର ଅତ୍ୟାବଶ୍ୟକ, ଏବଂ ଆତଙ୍କବାଦର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଉଭୟ ରାଷ୍ଟ୍ର ମିଳିତ ପ୍ରତିବଦ୍ଧତା ବାଂଟିଛନ୍ତି ।

## ନିଷିଦ୍ଧ ପଦାର୍ଥ ଚାଲାଣ ଓ ପରିଚାଳନାରେ ଜଡ଼ିତଙ୍କ ବିରୋଧରେ

# ନିଆଯିବ କାର୍ଯ୍ୟାନୁଷ୍ଠାନ: ଡକ୍ଟର ମନସୁଖ ମାଣ୍ଡଭୀୟ



କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ବିଶ୍ୱ ଡୋପିଂ ନିରୋଧୀ -ଏଜେନ୍ସି (ଓ୍ୱା।ଡ଼ା।)ର ବିଶ୍ୱସ୍ତରୀୟ ଡୋପିଂ ନିରୋଧୀ ଗୁଇନ୍ଦା ଏବଂ ତଦନ୍ତ ନେଟୱାର୍କ (ଜିଏଆଇଆଇଏନ)ର ଚୂଡ଼ାନ୍ତ ସମ୍ମିଳନୀର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରିଛନ୍ତି । ସେ ସ୍ୱଚ୍ଛ କ୍ରୀଡା ଏବଂ ଡୋପିଂ ମୁକାବିଲାରେ ବିଶ୍ୱସ୍ତରୀୟ ସହଯୋଗ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ତର୍ଜାତୀୟ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ ଯେ, ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ସୁଦୃଢ଼ କରିବାରେ ଏକ ବିଶ୍ୱସ୍ତରୀୟ ଡୋପିଂ ନିରୋଧୀ ଗୁଇନ୍ଦା ଏବଂ ତଦନ୍ତ ନେଟୱାର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଏହି ସମ୍ମିଳନୀ ଡୋପିଂ ବିରୁଦ୍ଧରେ ବିଶ୍ୱ ଲଢ଼େଇରେ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରୁଛି । ସମାବେଶକୁ ସମ୍ବୋଧିତ କରି ଡକ୍ଟର ମାଣ୍ଡଭୀୟ ଆଲୋକପାତ କରିଥିଲେ ଯେ, ଭାରତ କେବଳ ଅନୁପାଳନ ପାଇଁ ନୁହେଁ, ବରଂ କ୍ରୀଡାର ଅଖଣ୍ଡତା ପ୍ରତି ପ୍ରକୃତ ପ୍ରତିବଦ୍ଧତା ସହିତ ସକ୍ରିୟ ସଂସ୍କାର ହାତକୁ ନେଇଛି । ସେ ଜାତୀୟ ଡୋପିଂ ନିରୋଧୀ ଆଇନ, ୨୦୨୨କୁ ଏକ ଦୃଢ଼ ବୈଧାନିକ ଢାଂଚା ଭାବରେ ଉଲ୍ଲେଖ କରିଥିଲେ । ଜାତୀୟ ଡୋପିଂ ନିରୋଧୀ ସଂଶୋଧନ ଆଇନ, ୨୦୨୫ ଭାରତର ନିୟମଗୁଡ଼ିକୁ ବିଶ୍ୱ ମାନଦଣ୍ଡ ସହିତ ସମନ୍ୱିତ କରିଥାଏ ବୋଲି କହିଥିଲେ । ସରକାର ନିଷିଦ୍ଧ ପଦାର୍ଥ ପରିଚାଳନା କିମ୍ବା ଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ଅପରାଧିକ ବ୍ୟବସ୍ଥା ପ୍ରଣୟନ କରିବା ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ଡକ୍ଟର ମାଣ୍ଡଭୀୟ କହିଥିଲେ । ପୂର୍ବରୁ ପ୍ରୟାସଗୁଡ଼ିକ ପ୍ରାୟତଃ ପରୀକ୍ଷାଗାର ଯାଂଚ ପ୍ରୋଟୋକଲ୍ ଏବଂ ଖେଳାଳୀଙ୍କ ଅନୁପାଳନ ପର୍ଯ୍ୟନ୍ତ ସୀମିତ ଥିଲେ ମଧ୍ୟ, ଆଜି ଡୋପିଂ ଆଉ ଏକ ବ୍ୟକ୍ତିଗତ ସ୍ତରରେ ଅନୈତିକ କାର୍ଯ୍ୟ ହୋଇ ରହିନାହିଁ, ବରଂ ଏକ ସଂଗଠିତ ବହୁରାଷ୍ଟ୍ରୀୟ ଉଦ୍ୟୋଗ ହୋଇଯାଇଛି । ଏପରି ନେଟୱାର୍କଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଭାଙ୍ଗିବା ପାଇଁ ସମନ୍ୱିତ ବିଶ୍ୱସ୍ତରୀୟ ପ୍ରତିକ୍ରିୟାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।

# ଏସଆରସିଙ୍କ ହିଟ୍ ୱେଭ ସମୀକ୍ଷା ପରେ ସ୍କୁଲ ଛୁଟି ନିଷ୍ପତି ନିଆଯିବ : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର : ପଶ୍ଚିମରୁ ଉପକୂଳ ସବୁଠି ତାତି । ତାତିରେ କଳବଳ ହେଉଛି ସାରା ରାଜ୍ୟ । ଅସହ୍ୟ ଖରାକୁ ଗୁଳୁଗୁଳି କରୁଛି କଲାଣି ଅସ୍ତବ୍ୟସ୍ତ ଜନଜୀବନ । ଏପରି ସ୍ଥିତିରେ ରାଜ୍ୟରେ ସ୍କୁଲ ସବୁ ସକାଳୁଆ ଚାଲିଛି । ସକାଳ ୮ଟାରୁ ତାତି ବଢୁ ଆଗକୁ ବି ହିଟ୍‌ୱେଭ୍ ଆଲର୍ଟ ନେଇ ସତର୍କ କରାଇଛି ପାଣିପାଗ ବିଭାଗ । ଏଭଳି ସ୍ଥିତରେ ଆଗୁଆ ସ୍କୁଲ ଛୁଟି କରିବାକୁ ସରକାର ଯୋଜନା କରିଛନ୍ତି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେଉଁ ଜିଲ୍ଲାଗୁଡିକରେ ଅସହ୍ୟ ଗରମ ହେଉଛି, ସେହି ସବୁ ଜିଲ୍ଲା ଗୁଡିକରେ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ସ୍କୁଲ ଛୁଟି ହେବା ନେଇ ନିଷ୍ପତି ନିଆଯିବ । ପିଲାମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ । ପଶ୍ଚିମ ଓଡିଶାରେ କିଛି ଜିଲ୍ଲାରେ ଅତ୍ୟଧିକ ଗରମ ନେଇ ସୂଚନା ରହିଛି, ତାହାକୁ ମଧ୍ୟ ବିଚାରକୁ ନେଇଛି ବିଭାଗ । ସେହି ଜିଲ୍ଲାଗୁଡିକର ଜିଲ୍ଲାପାଳମାନେ ରିପୋର୍ଟ ଦେଲେ ବିଭାଗ ନିଷ୍ପତି ନେବ । ଏସଆରସି ହିଟ ୱେଭକୁ ନେଇ ବୈଠକ ଡାକି ସମୀକ୍ଷା କରିବା ପରେ ହିଁ ଖରା ଛୁଟି ପାଇଁ ନିଷ୍ପତି ନିଆଯିବ । ତେଣୁ ଏସଆରସିଙ୍କ ମିଟିଂ ପରେ ହିଁ ସ୍କୁଲ ଛୁଟି ନିଷ୍ପତି ନିଆଯିବ ।

# କୋରାପୁଟର କୋଟିଆକୁ ଗସ୍ତକଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା



କୋରାପୁଟ : କୋରାପୁଟ ଜିଲ୍ଲାର ସୀମାନ୍ତ ଅଂଚଳ କୋଟିଆରେ ଶିଶୁ ମାନଙ୍କ ସାମଗ୍ରିକ ବିକାଶ ଓ ପୋଷଣ ସୁବିଧାର ସମୀକ୍ଷା କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର । ଗୁରୁବାର (ଏପ୍ରିଲ ୧୬) ଦିନ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ସେ କୋଟିଆ ପଂଚାୟତ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ଅନୁଧ୍ୟାନ କରିଛନ୍ତି । ରାଜ୍ୟବ୍ୟାପୀ ପାଳିତ ହେଉଥିବା ଅଷ୍ଟମ ପୋଷଣ ଅଭିଯାନ କାର୍ଯ୍ୟକ୍ରମରେ ଅଧକ୍ଷା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ଏକ ବିଶାଳ ସଚେତନତା ଶୋଭାଯାତ୍ରାରେ ସେ ସାମିଲ ହୋଇ ଗ୍ରାମବାସୀଙ୍କ ମଧ୍ୟରେ ପୁଷ୍ଟିସାର ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିଥିଲେ । ବିଶେଷ କରି ସେଠାକାର ମହିଳାମାନଙ୍କ ସହ ସିଧାସଳଖ ଆଲୋଚନା କରି ଗର୍ଭବତୀ ଓ ପ୍ରସୂତି ମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିଶୁମାନଙ୍କ ସଠିକ୍ ପାଳନ ପୋଷଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି ଗସ୍ତ କାଳରେ ଶ୍ରୀମତୀ ପାତ୍ର କୋଟିଆ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତିଭୂମି ଓ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଅସୁବିଧାର ତଦାରଖ କରିଥିଲେ । ସ୍ଥାନୀୟ ଅଂଚଳର କୌଣସି ବି ଶିଶୁ ଯେପରି ଶିକ୍ଷା ଗ୍ରହଣରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସେ ଗୁରୁତ୍ୱ ଦେଇଥିଲେ । ଏହି ଦିଗରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଶିଶୁ ଅଧିକାର ଆୟୋଗ ସବୁବେଳେ ସଜାଗ ଓ ପ୍ରତିବଦ୍ଧ ଅଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ ।ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ଯାଇ ସେ କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟରେ ଥିବା କେତେକ ସମସ୍ୟା ତାଙ୍କ ନଜରକୁ ଆସିଥିଲା, ଯାହାର ତୁରନ୍ତ ନିରାକରଣ ପାଇଁ ସେ ଉପସ୍ଥିତ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୋଟିଆର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସେଠାକାର ପରିମଳ ଓ ସ୍ୱଚ୍ଛ ପରିବେଶକୁ ଦେଖି ଅଧକ୍ଷା ବେଶ ପ୍ରଶଂସା କରିଥିଲେ ।

# ବେଆଇନ ସିଲିଣ୍ଡର ଠୁଳ ଅଭିଯୋଗରେ ଯୋଗାଣ ବିଭାଗର କାର୍ଯ୍ୟାନୁଷ୍ଠାନ

## ୨୫ଶହରୁ ଅଧିକ ସ୍ଥାନରେ ଚଢ଼ାଉ ସହ ୪ ହଜାରରୁ ଅଧିକ ସିଲିଣ୍ଡର ଜବତ



ଭୁବନେଶ୍ୱର : ଘରୋଇ ଏବଂ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ସୁଗମ ଯୋଗାଣ ନିମନ୍ତେ ରାଜ୍ୟ ଏବଂ କେନ୍ଦ୍ର ସରକାର ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି କ୍ରମରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଠୁଳ କରି ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବିଭାଗ ବର୍ତ୍ତମାନ ସୁଦ୍ଧା ୨୫୦୩ଟି ସ୍ଥାନରେ ଚଢ଼ାଉ କରିଛି । ଏହି ଚଢ଼ାଉରେ ବେଆଇନ ଭାବେ ଠୁଳ କରାଯାଇଥିବା ୪୯୯୨ଟି ସିଲିଣ୍ଡର ଜବତ କରାଯାଇଛି ଏବଂ ୩୧ଟି ମାମଲା ଦାଏର ହୋଇଛି । ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ୩୮୪ଟି ମାମଲା ରୁଜୁ କରାଯାଇଛି । ବେଆଇନ ସିଲିଣ୍ଡର ମହଜୁଦ କରିବା ସହିତ ବିକ୍ରି ଅଭିଯୋଗରେ ୫ ଜଣ ଗିରଫ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବା ସତ୍ତ୍ୱେ ଭାରତର ଏଲପିଜି ଯୋଗାଣ ସ୍ଥିର ରହିଥିବା ସରକାର ସୂଚନା ଦେଇଛନ୍ତି । ବିଶେଷ କରି ଘରୋଇ ଏଲପିଜି ଉପଭୋକ୍ତାମାନଙ୍କୁ ସ୍ୱାଭାବିକ ଗ୍ୟାସ ବିତରଣ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି । ସିଲିଣ୍ଡର ରିଫିଲ୍ ବୁକିଂ ଲାଗି ଉପଭୋକ୍ତାମାନଙ୍କୁ ଏସଏମଏସ ଓ ଆଇଭିଆରଏସ ଭଳି ଡିଜିଟାଲ ପଦ୍ଧତି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ଆତଙ୍କିତ ହୋଇ ବୁକିଂ କରିବା କିମ୍ବା ଅଯଥାରେ ଗଚ୍ଛିତ କରିବା, ଗୁଜବକୁ ବିଶ୍ୱାସ ନ କରିବା ତଥା କେବଳ ସରକାରୀ ସୂଚନା ଉତ୍ସକୁ ଅନୁସରଣ କରିବାକୁ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି ।

# ଆମ୍ବେଦକର ଜୟନ୍ତୀ ଅବସରରେ ଇଗ୍ନୋ ଆଂଚଳିକ କେନ୍ଦ୍ର ଭୁବନେଶ୍ୱରରେ ରକ୍ତଦାନ ଶିବିର ଅନୁଷ୍ଠିତ



ଭୁବନେଶ୍ୱର : ଇଗ୍ନୋ ଆଂଚଳିକ କେନ୍ଦ୍ର, ଭୁବନେଶ୍ୱର ଆମ୍ବେଦକର ଜୟନ୍ତୀ ପାଳନ କରୁଛି । ଏହି ଉପଲକ୍ଷେ ୧୬ ଏପ୍ରିଲ ୨୦୨୬ରେ ଆଂଚଳିକ କେନ୍ଦ୍ର ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲା । ଏହା କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ ସହିତ ମିଳିତ ଭାବରେ ଆୟୋଜିତ ହୋଇଥିଲା । ଏହି ଅବସରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଏବଂ କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ, ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା । ଡାକ୍ତର ଏମ କେ ଦାଶ, ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ପ୍ରଥମେ ରକ୍ତଦାନ କରିଥିଲେ । ଉପନିର୍ଦ୍ଦେଶକ ଡକ୍ଟର ପି କେ ଜେନା, ଡେପୁଟି ରେଜିଷ୍ଟ୍ରାର ଶ୍ରୀ, ସଞ୍ଜୟ ପଟେଲ, ଇଗ୍ନୋ ଆଂଚଳିକ କେନ୍ଦ୍ର ଏବଂ ଆଂଚଳିକ ମୂଲ୍ୟାୟନ କେନ୍ଦ୍ର, ଭୁବନେଶ୍ୱରର ଅନ୍ୟାନ୍ୟ କର୍ମଚାରୀ, ଏକାଡେମିକ୍ ପରାମର୍ଶଦାତା ଡକ୍ଟର ରଘୁନାଥ ମଣ୍ଡଳ ମଧ୍ୟ ଏହି ଅବସରରେ ରକ୍ତଦାନ କରିଥିଲେ । କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାରର ଡାକ୍ତର ନିହାରିକା ହୋନହୋଗା, ଶ୍ରୀ, ସାରଦା କାନ୍ତ ଚୌଧୁରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ରକ୍ତ ୟୁନିଟ୍ ସଂଗ୍ରହରେ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ଭୁବନେଶ୍ୱର ଇଗ୍ନୋ ଆଂଚଳିକ କେନ୍ଦ୍ରର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡକ୍ଟର ଏମ୍ କେ ଦାଶ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଆଇପିଏଲ-୨୦୨୬ : ପଞ୍ଜାବ ଆଗରେ ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ମୁମ୍ବାଇ



ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୪ତମ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଖେଳାଯାଉଛି । ଏଠାରେ ମୁମ୍ବାଇ ଇଣ୍ଡିଆନ୍‌ସ ଏବଂ ପଞ୍ଜାବ କିଙ୍ଗ୍‌ସ ମୁହାଁମୁହିଁ ହୋଇଛନ୍ତି । ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ମିଳିଲା ପରେ ସୂର୍ଯ୍ୟକୁମାରଙ୍କ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୫ ରନ୍ ସଂଗ୍ରହ କରିଛି । ଫଳରେ ପଞ୍ଜାବକୁ ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । ମୁମ୍ବାଇର ଖେଳାଳିମାନେ ଯେତେବେଳେ ନିମ୍ନମାନର ବ୍ୟକ୍ତିଗତ ସ୍କୋର କରି ଆଉଟ୍ ହେଉଥିଲେ, କ୍ୱିଂଟନ୍ ଡି' କକ୍ ? ଏବଂ ନମନ ଓଝା ମୋର୍ଚ୍ଚା ସମ୍ଭାଳି ଥିଲେ । ଡି' କକ୍ ଶତକ ହାସଲ କରିଥିଲା ବେଳେ ନମନ ଅର୍ଦ୍ଧଶତକ ମାରିଥିଲେ । ଡି' କକ୍ ଅପରାଜିତ ୧୧୦ ରନ୍ ସଂଗ୍ରହ କରିଥିଲେ । ସେ ୫୯ଟି ବଲ୍ ଖେଳି ୮ଟି ଚୌକା ଏବଂ ୭ଟି ଛକା ମାରିଥିଲେ । ସେହିପରି ନମନ ୩୧ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୫୦ ରନ୍ ସଂଗ୍ରହ କରିଛନ୍ତି । ବିସ୍ଫୋରକ ବ୍ୟାଟର ହାର୍ଦ୍ଦିକ ପାଣ୍ଡ୍ୟା ୧୨ଟି ବଲ୍ ଖେଳି ୧୪ ରନ୍ କରିଥିଲେ, ଯେଉଁଥିରେ ଗୋଟିଏ ଛକା ସାମିଲ ଥିଲା । ମୁମ୍ବାଇ ପାଇଁ ରିୟାନ ରିକେଲ୍‌ଟନ ଏବଂ ଡି' କକ୍ ବ୍ୟାଟିଂ ଆରମ୍ଭ କରିଥିଲେ । କିନ୍ତୁ ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା । ସ୍କୋର ୧୨ ରନ୍‌ରେ ରିୟାନ ରିକେଲ୍‌ଟନ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଉଟ୍ ହୋଇଥିଲେ । କିନ୍ତୁ ତୃତୀୟ ୱିକେଟ୍‌ରେ ଡି' କକ୍ ଏବଂ ନମନ ୧୨୨ ରନ୍‌ର ଭାଗିଦାରୀ କରିଥିଲେ । ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ଡି' କକ୍ ୪୧ ରନ୍‌ର ଭାଗିଦାରୀ କରିଥିଲେ ।

# ଇତିହାସ ରଚିଲେ ଭାରତୀୟ ଚେସ୍ ଖେଳାଳୀ ଆର ବୈଶାଳୀ



ନୂଆଦିଲ୍ଲୀ : ସାରା ଭାରତ ଆଇପିଏଲ୍ ରୋମାଂଚରେ ମସଗୁଲ ରହିଥିବାବେଳେ ସବୁ ଆଲୋଚନାଠୁ ଦୂରରେ ରହି ଇତିହାସ ରଚିଛନ୍ତି ଭାରତୀୟ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ଆର ବୈଶାଳୀ । ସାଇପ୍ରସରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନସିପର ମହିଳା ବର୍ଗରେ ଚାମ୍ପିଅନ୍ ହୋଇ ବୈଶାଳୀ ବିଶ୍ୱ ଚେସ୍ ଚାମ୍ପିଅନସିପ୍ ଫାଇନାଲ୍କୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଟାଇଟଲ ଲଢେଇରେ ସେ ଡିଫେଣ୍ଡିଂ ଚାମ୍ପିଅନ ଚୀନ୍ର ଜୁ ୱେନଜୁନଙ୍କୁ ଭେଟିବେ । ପ୍ରଥମ ଭାରତୀୟ ମହିଳା ଚେସ୍ ଖେଳାଳି ଭାବେ ବୈଶାଳୀ କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି ଓ ଦ୍ୱିତୀୟ ଭାରତୀୟ ମହିଳା ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ୍ସିପ ଟାଇଟଲ ପାଇଁ ଯୋଗ୍ୟତା ଲାଭ କରିଛନ୍ତି । ତାଙ୍କ ପୂର୍ବରୁ ଗ୍ରାଣ୍ଡ ମାଷ୍ଟର କନେରୁ ହମ୍ପି ପ୍ରଥମ ଭାରତୀୟ ମହିଳା ଭାବେ ୨୦୧୧ରେ ବିଶ୍ୱ ଚାମ୍ପିଅନ୍ସିଫ ଫାଇନାଲ ଖେଳିଥିଲେ । ସେ ଫିଡେ ଗ୍ରାଣ୍ଡପ୍ରିକ୍ସ ସିରିଜରେ ଶୀର୍ଷ ସ୍ଥାନ ଦଖଲ କରି ବିଶ୍ୱ ଚାମ୍ପିଅନସିପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ । କ୍ୟାଣ୍ଡିଡେଟ୍ସ ଚାମ୍ପିଅନସିପ୍ରେ ବୈଶାଳୀ ମୋଟ୍ ୮.୫ ପଏଂଟ ଅର୍ଜନ କରିଥିଲେ । ଅନ୍ତିମ ରାଉଣ୍ଡ୍‌ରେ ସେ ରୁଷିଆର କାଟେରିନା ଲାଗନୋଙ୍କୁ ହରାଇଥିଲେ । ଅନ୍ତିମ ରାଉଣ୍ଡ ପୂର୍ବରୁ ବୈଶାଳୀ ଓ କାଜାଖସ୍ତାନର ବିବିସାରା ଆସାଉବୟେଭା ୭.୫ ପଏଂଟ ଲେଖାଏଁ ଅର୍ଜନ କରି ମିଳିତ ଶୀର୍ଷରେ ରହିଥିଲେ । ଆସାଉବୟେଭା ଅନ୍ତିମ ରାଉଣ୍ଡ୍‌ରେ ଭାରତର ଦିବ୍ୟା ଦେଶମୁଖଙ୍କ ସହ ଡ୍ର' ରଖିଥିଲେ । ଅନ୍ୟ ପଟରେ ବୈଶାଳୀ ବିଜୟ ହାସଲ କରି ଇତିହାସ ରଚିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**